بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୨

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 21

ବାର୍ଷିକ ଦେୟ : 600/-

www.akhbarbadr.in

14 ଜୁଲ୍‌କାଦା 1445 ହି.କ, 23 ହିଜ୍ରତ୍ 1403 ହି.ଶ, 23 May-2024 ମସିହା

## ଅଲ୍ଲାଃତାଲାଙ୍କ ବାଣୀ

هُوَ الَّذِیۡ جَعَلَ لَکُمُ الَّیۡلَ لِتَسۡکُنُوۡا فِیۡہِ وَالنَّہَارَ مُبۡصِرًا ؕ اِنَّ فِیۡ ذٰلِکَ لَاٰیٰتٍ لِّقَوۡمٍ یَّسۡمَعُوۡنَ

**(ୟୁନୁସ୍-68)**

**ଅନୁବାଦ :** ସେ ହିଁ ତୁମମାନଙ୍କର ପାଇଁ ରାତିକୁ ଏଥି ସକାଶେ ତିଆରି କରିଛନ୍ତି ଯେ, ତୁମେମାନେ ତହିଁରେ ବିଶ୍ରାମ କରିପାରିବ ଏବଂ ଯେଉଁ କାର୍ଯ୍ୟ କରିବାକୁ ଆଲୋଚିତ କରି- ଛନ୍ତି ଏବଂ ଯେଉଁ ଲୋକମାନେ ଏହି ସତ୍ୟାବାଣୀକୁ ଶୁଣନ୍ତି ସେମାନଙ୍କ ପାଇଁ ନିଶ୍ଚୟ ଏଥିରେ ନିଦର୍ଶନମାନ ରହିଅଛି ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**ଦକ୍ଷିଣ (ଡାହାଣ) ପାର୍ଶ୍ୱରେ ବସିଥିବା ବ୍ୟକ୍ତିକୁ ପ୍ରାଧାନ୍ୟ ଦିଆଯିବା ଉଚିତ୍:**

**(2566)** ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ ଆମ ଘରକୁ ଆସିଲେ ଏବଂ ଆପଣ ସ.ଅ ଜଳ ମାଗିଲେ । ଆମେ ଆପଣ ସ.ଅଙ୍କ ସକାଶେ ଏକ ଛେଳୀ ଦୁହିଲୁ । ପୁନଶ୍ଚ ମୁଁ ସେହି ଛେଳୀ କ୍ଷୀରେରେ ପାଣି ମିଶାଇଲି ଓ ଆପଣ ସ.ଅଙ୍କୁ ପାନ କରିବାକୁ ଦେଲି । ହ. ଅବୁ ବକ୍କର ର.ଅ ଆପଣ ସ.ଅଙ୍କ ବାମ ପାର୍ଶ୍ୱରେ ବସିଥିଲେ ଏବଂ ହ. ଉମର୍ ର.ଅ ସମ୍ମୁଖରେ ବସିଥିଲେ ଓ ଜଣେ ଗାଉଁଲି ବ୍ୟକ୍ତି ଆପଣ ସ.ଅଙ୍କ ଦକ୍ଷିଣ (ଡାହାଣ)ପାର୍ଶ୍ୱରେ ବସିଥିଲା । ଆପଣ ସ.ଅ ଯେତେବେଳେ କ୍ଷୀର ପାନ କରି ସାରିଲେ ସେତେବେଳେ ହ. ଉମର୍ ର.ଅ କହିଲେ, ହ. ଅବୁ ବକ୍କର ଆପଣ ସ.ଅଙ୍କ ବାମ ପାର୍ଶ୍ୱରେ ବସିଥିଲେ ଆଉ ଆପଣ ସ.ଅ ସେହି ବଳକା କ୍ଷୀରକୁ ଗାଉଁଲି ବ୍ୟକ୍ତିକୁ ଆଗେ କ୍ଷୀର ପାନ କରିବାକୁ ଦେଲେ । ସୁତରାଂ ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ଯେଉଁ ବ୍ୟକ୍ତି ଦକ୍ଷିଣ ପାର୍ଶ୍ୱରେ ବସିଥିବ ସେହି ବ୍ୟକ୍ତିକୁ ହିଁ ପ୍ରାଧାନ୍ୟ ଦିଆଯିବ । ତେଣୁ ତୁମେମାନେ ଦକ୍ଷିଣ (ଡାହାଣ) ପାର୍ଶ୍ୱରୁ ହିଁ କାର୍ଯ୍ୟ ଆରମ୍ଭ କର । ହ. ଅନସ୍ ର.ଅ କହୁଥିଲେ: ଆପଣ ସ.ଅଙ୍କ ସୁନ୍ନତ ଏହିପରି ଅଟେ ।

**(ସହୀବୁଖାରୀ, କିତାବୁଲ୍‌ହିବା, ବାବ୍-ମନିସ୍ତସକା)**

**ضبّ ର ବୈଧ ହେବା, କିନ୍ତୁ ଆଁହଜରତ ସ.ଅ ଏହାକୁ ସେବାନ କରିବାକୁ ନାପସନ୍ଦ କରିବା:**

☆ ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି: ତାଙ୍କର ଖାଲା ହ. ଉମ୍ମେ ହୁଫୈଦ୍ ନବୀ କରୀମ୍ ସ.ଅ ଙ୍କ ନିକଟକୁ ପନୀର୍ ଏବଂ ଘିଅ ଓ ଗୌହ୍ (ଏକ ପ୍ରକାରର ଝିଟିପିଟି ପରି ବଡ଼ ଜୀବ) ଉପହାର ସ୍ୱରୂପ ପ୍ରେରଣ କଲେ । ଆପଣ ସ.ଅ ପନୀର୍ ଓ ଘିଅରୁ କିଞ୍ଚିତ ମାତ୍ର ଖାଇଲେ କିନ୍ତୁ ଗୌହ ସେବନ କରିବାକୁ ନାପସନ୍ଦ କଲେ । ଅର୍ଥାତ୍ ଗୌହକୁ ଖାଇଲେ ନାହିଁ । ହ. ଇବ୍‌ନେ ଅବ୍‌ବାସ୍ ର.ଅ କହୁଥିଲେ, କିନ୍ତୁ ସେହି ଜୀବଟି ଆଁହଜରତ ସ.ଅଙ୍କ ଖାଦ୍ୟାସନ୍ନ ଉପରେ ସେବନ କରାଯାଇଥିଲା । ଯଦି ତାହା ଅବୈଧ ହୋଇଥାଆନ୍ତା ତାହାହେଲେ ରସୁଲୁଲ୍ଲାଃ ସ.ଅଙ୍କ ଖାଦ୍ୟାସନ୍ନ ଉପରେ କେବେ ବି ସେବନ କରାଯାଇ ନଥାଆନ୍ତା । **(ବୁଖାରୀ, କିତାବୁଲ୍ ହଦିୟାହ୍, ବାବ୍-କୌଲୁଲ୍ ହଦିୟାହ୍)**

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ସାଂପ୍ରତିକ ସମୟରେ ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଏପରି ଧୈର୍ଯ୍ୟ ପ୍ରଦର୍ଶନ କରିବା ଉଚିତ୍ ଯେପରି ଧୈର୍ଯ୍ୟ ନବୀ କରୀମ୍ ସ.ଅ ଏବଂ ଆପଣ ସ.ଅଙ୍କ ସାହାବାମାନେ ମକ୍କାର ପୁଣ୍ୟଭୂମିରେ ପ୍ରଦର୍ଶନ କରିଥିଲେ ।**

କୌଣସି ସମସ୍ୟା ବା ବିପତ୍ତି କାରଣରୁ ଶେଖ୍ ରହେମତୁଲ୍ଲାଃ ସାହେବଙ୍କ ପତ୍ର ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ପହଞ୍ଚିଲା । ପ୍ରତ୍ୟୁତ୍ତରରେ ଆପଣ ଅ.ସ କହିଲେ: "ମୁଁ ଉକ୍ତ ବିପତ୍ତି ସମୟରେ ମହୋଦୟଙ୍କ ନିମନ୍ତେ ଦୁଆ କରୁଛି । ସେ ପତ୍ର ଲେଖିଥିବାରୁ ମୁଁ ବହୁତ ଖୁସି ହେଲି । ବାସ୍ତବରେ ବିପତ୍ତି ବା ପରୀକ୍ଷା ଦୟାର କାରଣ ହୋଇଥାଏ । ଅର୍ଥାତ୍ ଏକ ପକ୍ଷରେ ଭକ୍ତର ଭାକ୍ତିକତା ବ୍ୟାକୁଳିତ ହୋଇ ଚତୁର୍ପାର୍ଶ୍ୱରୁ ବିଛିନ୍ନ ହୋଇ ସେହି ସାଧନକର୍ତ୍ତାଙ୍କ ଆଡ଼କୁ ଧ୍ୟାନ କେନ୍ଦ୍ରିତ ହୋଇଥାଏ। ଅନ୍ୟ ପକ୍ଷରେ ଐଶ୍ୱରିକତା ନିଜର କୃପାର ସୈନ୍ୟ ବହନ କରି ଭକ୍ତକୁ ସାନ୍ତ୍ୱନା ଓ ସନ୍ତୁଷ୍ଟି ପ୍ରଦାନ କରିବା ନିମନ୍ତେ ପାଦ ଆଗକୁ ଅଗ୍ରସର କରାଇଥାଏ । ମୁଁ ସର୍ବଦା ଅଲ୍ଲାଃତାଲାଙ୍କର ଓ ଅବତାରମାନଙ୍କର ଏହି ପରମ୍ପରା ଅବଲୋକନ କରି ଆସିଛି ଯେ, ଯେଭଳି ଏହି ପରିଚିତ ଜମାଅତର ଦୟା ଏବଂ କୃପା ବିପତ୍ତି ସମୟରେ ନିଜର ସେବକ ସଂପର୍କରେ ଆବେଗିତ ହୋଇଥାଏ, ବିଶ୍ରାମ ଓ ଶାନ୍ତି ସମୟରେ ସେହି ଅବସ୍ଥା ନଥାଏ ।"

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନମାଜ ଜୋହର୍ ପୂର୍ବରୁ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ମୌଲାନା ଅବଦୁଲ୍ କରୀମ୍ ସାହେବଙ୍କୁ ସମ୍ବୋଧିତ କରି କହିଲେ, "ମୌଲବୀ ସାହେବ ! ଯାହା ଘଟୁଅଛି ବା ହେଉଅଛି ସବୁ ସେହି ଲୀଳାମୟ ପ୍ରଭୁଙ୍କ ଇଚ୍ଛାନୁଯାୟୀ ହେଉଅଛି। ଏହା ଅବଶ୍ୟକତା ଥିଲା କି ଲୋକମାନେ ସ୍ୱହସ୍ତରୁ ସେହି ନିଦର୍ଶନର ପୁଷ୍ଟି କରି ଦିଅନ୍ତେ । ଅର୍ଥାତ୍ ହଦିସ୍‌ରେ ଉଲ୍ଲେଖ ରହିଛି ଯେ, ମେହ୍‌ଦୀ ମଉଦ୍‌ଙ୍କ ସମୟରେ ଚତୁର୍ଦିଗରେ କୋଳାହଳ ଓ ତ୍ରାହୀମାମ୍ ଲୋକେ ଡାକିବେ। ସେହି ପ୍ରତିଶ୍ରୁତ ମସିହ୍ ଏବଂ ମେହ୍‌ଦୀକୁ ପୂର୍ବତନ ଏବଂ ପ୍ରାକ୍ତନଙ୍କ ଆସ୍ଥା ବିରୁଦ୍ଧୀୟ ବକ୍ତା କହି ଅବିଶ୍ୱାସକାରୀ ବୋଲି ବିବେଚିତ କରାଯିବ । ଠିକ୍ ସେହି ସମୟରେ ଆମ ଜମାଅତ୍‌ର ଲୋକମାନଙ୍କୁ ସେହିପରି ଧୈର୍ଯ୍ୟ ପ୍ରଦର୍ଶନ କରିବା ଉଚିତ୍ ଯେପରି ଆମର ପ୍ରିୟ ମୁନିବ ହ. ମୁହମ୍ମଦ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନେ ପବିତ୍ର ମକ୍କା ଭୂମିରେ ପ୍ରଦର୍ଶନ କରିଥିଲେ। ଆପଣ ସ.ଅଙ୍କ ଦ୍ୱାରା ଏପରି କୌଣସି କର୍ମ ଏବଂ ପ୍ରତିକ୍ରିୟା ସମ୍ପାଦିତ ହେଲା ନାହିଁ ଯାହାକି ସେମାନଙ୍କୁ ଶାସକ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାଆନ୍ତା । ବର୍ତ୍ତମାନ କୌଣସି ବ୍ୟକ୍ତି ଉପରେ ଭରସା କରନ୍ତୁ ନାହିଁ । କାରଣ ଅମକ ବ୍ୟକ୍ତି ଆମକୁ ସାହାଯ୍ୟ କରିବ । ମନେରଖନ୍ତୁ ! ବର୍ତ୍ତମାନ ସର୍ବଶକ୍ତିମାନ ଲୀଳାମୟ ପ୍ରଭୁଙ୍କ ବ୍ୟତୀରେକ ଅନ୍ୟ କୌଣସି ସାହାଯ୍ୟକର୍ତ୍ତା ନାହାନ୍ତି ।" **(ମଲ୍‌ଫୁଜାତ୍, ଭାଗ-1 ପୃ-507, ପ୍ରକାଶନ ସ୍ଥାନ- କାଦିଆନ୍, 2008 ମସିହା)**

**ଏହା କେତେ ଗୁରୁତ୍ୱପୂର୍ଣ୍ଣ ମର୍ଯ୍ୟାଦା ଯାହାକି ରସୁଲ୍ କରୀମ୍ ସ.ଅଙ୍କୁ ପ୍ରାପ୍ତ ହେଲା । ଅର୍ଥାତ୍ ଅଲ୍ଲାଃତାଲା ଦୁଇ ହଜାର ବର୍ଷ ପୂର୍ବେ ହ. ଇବ୍ରାହିମ୍ ଓ ହ. ଇସ୍‌ମାଇଲ୍ ଅ.ସଙ୍କୁ ଏହି ଆଦେଶ ଦିଅନ୍ତି ଯେ, ମୋର ଏହି ଘରକୁ ପରିଷ୍କାର (ପବିତ୍ର ରଖ) କର । କାରଣ ଏଠାରେ ମୋର ସେହି ଅବତାର ଜନ୍ମଗ୍ରହଣ କରିବ ତଥା ଆବିର୍ଭୂତ ହେବ ଯାହାର ଆଲୋକ ରଶ୍ମୀ ଦ୍ୱାରା ସମସ୍ତ ସଂସାର ଆଲୋକିତ ହୋଇଯିବ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ହଜ୍‌ର ଆୟତ୍ ସଂଖ୍ୟା 27 وَاِذۡ بَوَّاۡنَا لِاِبۡرٰہِیۡمَ مَکَانَ الۡبَیۡتِ اَنۡ لَّا تُشۡرِکۡ بِیۡ شَیۡئًا وَّطَہِّرۡ بَیۡتِیَ لِلطَّآئِفِیۡنَ وَالۡقَآئِمِیۡنَ وَالرُّکَّعِ السُّجُوۡدِ ର ବ୍ୟାଖ୍ୟା କରି କୁହନ୍ତି: ଏବଂ ସ୍ମରଣ କର ଯେତେବେଳେ ଆମ୍ଭେ ଇବ୍ରାହିମଙ୍କୁ ଅଲ୍ଲାଃଙ୍କ ଗୃହ ଅର୍ଥାତ୍ କା'ବାରେ ଅବସ୍ଥାନ କରିବା ପାଇଁ ସୁଯୋଗ ଦେଲୁ ଓ କହିଲୁ ଆମ୍ଭ ସହିତ କୌଣସି ବସ୍ତୁକୁ ସମକକ୍ଷ କର ନାହିଁ ଓ ଆମ୍ଭ ଗୃହକୁ ପରିକ୍ରମଣକାରୀଙ୍କ ସକାଶେ ଦଣ୍ଡାୟମାନ ହୋଇ ଉପାସନା କରୁଥିବା ବ୍ୟକ୍ତିମାନଙ୍କ ସକାଶେ ତଥା ରୁକୁ ଓ ସିଜଦା କରୁଥିବା ବ୍ୟକ୍ତିମାନଙ୍କ ନିମନ୍ତେ ପବିତ୍ର ରଖ ।

ଉପରୋକ୍ତ ଆୟତରୁ ପ୍ରତିଭାତ ହୁଏ ଯେ, ଅଲ୍ଲାଃତାଲା ହ. ଇବ୍ରାହିମ୍ ଅ.ସଙ୍କୁ ଯେଉଁ ବଳିଦାନ ଦେବା ନିମନ୍ତେ କହିଥିଲେ ଓ ସେହି ବଳିଦାନ ଅନୁଯାୟୀ ହ. ଇବ୍ରାହିମ୍ ଅ.ସ ନିଜର ପୁତ୍ର ହ. ଇସ୍‌ମାଇଲ୍ ଅ.ସଙ୍କୁ ଏକ ନିର୍ଜଳା ନିର୍ଜନ ଏବଂ ଏକ ବନ୍ଧ୍ୟା ଉପତ୍ୟକାରେ ଛାଡ଼ି ଚାଲି ଯିବାର ପ୍ରକୃତ ଅଭିପ୍ରାୟ ଏହା ଥିଲା ଯେ, ହ. ଇସ୍‌ମାଇଲ୍ ଅ.ସ ବଡ଼ ହୋଇ ବୈତୁଲ୍ଲାଃର ସୁରକ୍ଷା କରିବେ ଏବଂ ଇବ୍ରାହିମ୍

ଅ.ସଙ୍କ ଧର୍ମର ସେବା କରିବେ । ସେହପିର ହ. ଇସ୍‌ମାଇଲ୍ ଅ.ସଙ୍କ ମାଧ୍ୟମରେ ସେହି ସନ୍ତାନ ସୃଷ୍ଟି ହେବ ଯାହାର ହସ୍ତ ଦ୍ୱାରା ଅଲ୍ଲାଃତାଲା ନିଜର ଧର୍ମକୁ ଶେଷ ଯୁଗ ପର୍ଯ୍ୟନ୍ତ ସ୍ଥାପିତ କରିବାକୁ ଚାହୁଁଥିଲେ ।

ସୁତରାଂ ବାସ୍ତବରେ ହ. ଇବ୍ରାହିମ୍ ଅ.ସ ହ. ଇସ୍‌ମାଇଲ୍ ଅ.ସଙ୍କୁ ଯେଉଁ ଦିନ ବୈତୁଲ୍ଲାଃ ନିକଟରେ ଛାଡ଼ିଲେ ସେଦିନ ରସୁଲ୍ କରୀମ୍ ସ.ଅଙ୍କ ଆଗମନର ଘୋଷଣା କରାଗଲା କାରଣ ବୈତୁଲ୍ଲାଃ ରସୁଲ୍ କରୀମ୍ ସ.ଅଙ୍କ ଯୁଗରେ ହିଁ ଅଲ୍ଲାଃତାଲାଙ୍କ ଚର୍ଚ୍ଚାର ଶେଷ ଗୃହ ହେବ ଏହାର ପ୍ରସ୍ତୁତି ହ. ଇସ୍‌ମାଇଲ୍ ଅ.ସଙ୍କ ଯୁଗରୁ ହିଁ ଆରମ୍ଭ କିରଦିଆଗଲା । ସଂସାରେ ଯେତେବେଳେ କୌଣସି ମହାନ୍ କାର୍ଯ୍ୟ ହେବାକୁ ଲାଗେ ସେତେବେଳେ ପୂର୍ବରୁ ହିଁ ଏହାର ପ୍ରସ୍ତୁତି ଆରମ୍ଭ କରିଦିଆ ଯାଇଥାଏ । ରସୁଲ୍ କରୀମ୍ ସ.ଅ ମକ୍କାରେ ପ୍ରାଦୁର୍ଭୂତ ହେବା ନିୟତିକୃତ ଥିଲା । ଅତଃ ଅଲ୍ଲାଃତାଲା ତତ୍‌ସଂକ୍ରାନ୍ତରେ ଦୁଇ ହଜାର ବର୍ଷ ପୂର୍ବେ ହ. ଇସ୍‌ମସାଇଲ୍ ଅ.ସଙ୍କ ମାଧ୍ୟମରେ ହିଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ । ଏହା କେତେ ଗୁରୁତ୍ୱ ପୂର୍ଣ୍ଣ ପ୍ରସଙ୍ଗ ଏବଂ ଗୁରୁତ୍ୱପୂର୍ଣ୍ଣ ମର୍ଯ୍ୟାଦା ଯାହାକି ରସୁଲ୍ କରୀମ୍ ସ.ଅଙ୍କୁ ପ୍ରାପ୍ତ ହୋଇଛି । ଅର୍ଥାତ୍ ଦୁଇ ହଜାର ବର୍ଷ ପୂର୍ବେ ଅଲ୍ଲାଃତାଲା ହ. ଇବ୍ରାହିମ୍ ଅ.ସ ଓ ହ. ଇସ୍‌ମାଇଲ୍ ଅ.ସଙ୍କୁ ଆଦେଶ ଦିଅନ୍ତି ଯେ, ତୁମ୍ଭେମାନେ ଆମ୍ଭର ଏହି ଗୃହକୁ ପରିଷ୍କାର କର (ପବିତ୍ର ରଖ) । କାରଣ ଏଠାରେ ଆମ୍ଭର ସେହି ମହାନ୍ ନବୀ (ଅବତାର) ଆବିର୍ଭୂତ ହେବେ ବା ଜନ୍ମଗ୍ରହଣ କରିବେ ଯାହାଙ୍କ ଆଲୋକ ରଶ୍ମୀ ଦ୍ୱାରା ସମସ୍ତ ସଂସାର ଆଲୋକିତ ହୋଇଯିବ ।

ସୁତରାଂ ଅଲ୍ଲାଃତାଲା ଏଇଥି ପାଇଁ ପବିତ୍ର କୁରଆନ୍‌ରେ କୁହନ୍ତି: وَطَهِّرۡ بَيۡتِىَ لِلطَّآئِفِيۡنَ وَالۡقَآئِمِيۡنَ وَالرُّكَّعِ السُّجُوۡدِ ଅର୍ଥାତ୍ ତୁମ୍ଭେମାନେ ଆମ୍ଭ ଗୃହକୁ ପରିକ୍ରମଣକାରୀଙ୍କ ସକାଶେ ଦଣ୍ଡାୟମାନ ହୋଇ ଉପାସନା କରୁଥିବା ବ୍ୟକ୍ତିମାନଙ୍କ ସକାଶେ ତଥା ରୁକୁ ଓ ସିଜଦା କରୁଥିବା ବ୍ୟକ୍ତିମାନଙ୍କ ନିମନ୍ତେ ପବିତ୍ର ରଖ । କିନ୍ତୁ ହ. ଇସ୍‌ମାଇଲ୍ ଅ.ସଙ୍କ କାଳରେ ଓ ଏହାପରେ କେତେ ଲୋକ ଥିଲେ ଯେଉଁମାନେ ଏହି ଅନ୍ତର୍ନିହିତ ଉଦ୍ଦେଶ୍ୟର ସହିତ ସେଠାକୁ ଆସୁଥିଲେ । ଲୋକମାନେ ପରିକ୍ରମା ତ' କରୁଥିଲେ। କିନ୍ତୁ କେତେ ଲୋକ ଥିଲେ ଯେଉଁମାନେ ସେଠାକୁ ଯାଇ ନିଜର ବୟସକୁ ଈଶ୍ୱରଙ୍କ ଧର୍ମସେବା ସକାଶେ ଉତ୍ସର୍ଗ କରି ଦେଉଥିଲେ ।

ରସୁଲ୍ କରୀମ୍ ସ.ଅଙ୍କ କାଳ ପୂର୍ବରୁ ଶତାଧିକ ବର୍ଷର ଇତିହାସ ସୁରକ୍ଷିତ ରହିଛି । କିନ୍ତୁ ସେହି ଇତିହାସ ଏହା କୁହେ ଯେ, ସେଠାରେ ସେତେବେଳେ ପିତୁଳା ପୂଜା କରାଯାଉଥିଲା । ସେହି ସ୍ଥାନରେ କୌଣସି ବ୍ୟକ୍ତି ପ୍ରଭୁଙ୍କ ସକାଶେ ନା ଏତେକାଫ୍ ବସୁଥିଲା ଓ ନା ହିଁ ପ୍ରଭୁଙ୍କ ସକାଶେ ଛିଡ଼ା ହେଉଥିଲା । ପ୍ରଭୁଙ୍କ ନିମନ୍ତେ ନା ସେଠାରେ କେହି ଦଣ୍ଡାୟମାନ ହୋଇ ଉପାସନା କରୁଥିଲା ଓ ନେ ହିଁ କେହି ସେଠାରେ ମଥାନତ୍ ହୋଇ ସିଜ୍‌ଦା କରୁଥିଲା । ବରଂ ଯେଉଁ ଲୋକମାନେ ସେଠାରେ ଈଶ୍ୱରଙ୍କ ନାମକୁ ଉଚ୍ଚ କରିବାକୁ ପ୍ରୟାସ କରୁଥିଲେ ସେହି ଲୋକମାନଙ୍କୁ ମାଡ଼ ମରାଯାଉଥିଲା, ଦଣ୍ଡ ଓ ଶାସ୍ତି ଦିଆଯାଉଥିଲା ।

ସୁତରାଂ ଉପରୋକ୍ତରେ ଯେଉଁ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି ଯେ, ତୁମ୍ଭେମାନେ ଆମ୍ଭର ଉକ୍ତ ଗୃହକୁ ପ୍ରସ୍ତୁତ କର । କାରଣ ପରିକ୍ରମଣକାରୀମାନେ, ଦଣ୍ଡାୟମାନକାରୀମାନେ ପୂର୍ଣ୍ଣ ରୂପେ ରୁକୁ କରୁଥିବା ଲୋକମାନେ ଏବଂ ସିଜ୍‌ଦା କରୁଥିବା ଲୋକମାନେ ଏଠାକୁ ଆସନ୍ତୁ । ସୁତରାଂ ସେହି ଯୁଗଟି ଆଁହଜରତ ସ.ଅଙ୍କ ଯୁଗ ହିଁ ହୋଇଥାଆନ୍ତା ଏବଂ ହ. ଇସ୍‌ମାଇଲ୍ ଅ.ସଙ୍କୁ ଏହି କାର୍ଯ୍ୟ ସକାଶେ ପ୍ରସ୍ତୁତ ରହିବା ନିମନ୍ତେ ନିଯୁକ୍ତ କରାଯାଇଥିଲା । ବାକି ରହିଲା ଏହି ପ୍ରଶ୍ନ ଯେ, ହ. ଇସ୍‌ମାଇଲ୍ ଅ.ସ କ'ଣଟା କାମ କଲେ? ଏହାର ଉତ୍ତର ଏହିକି ଯେ, ସେ ପ୍ରକାଶ୍ୟ ରୂପେ ଖାନା କା'ବାର ନିର୍ମାଣ କଲେ । ସେହିପରି ତାଙ୍କରି ମାଧ୍ୟମରେ ଅଲ୍ଲାଃତାଲା ଜମଜମ୍ ଝରଣା (କୂପ) ପ୍ରବାହିତ କଲେ । ପରବର୍ତ୍ତୀ ସମୟରେ (ହ. ଇସ୍‌ମାଇଲ୍ ଅ.ସଙ୍କ ବିୟୋଗ ପରେ) ଯେଉଁ ଦୁର୍ବଳତା ଦୃଶ୍ୟମାନ ହୋଇଥାଏ ସେହି ଦୁର୍ବଳତା ଯୋଗୁଁ ହ. ଇସ୍‌ମାଇଲ୍ ଅ.ସଙ୍କ ଉପେରେ ଆପତ୍ତି ହୋଇପାରିବ ନାହିଁ । କାରଣ ବିଚାରଯୋଗ୍ୟ ପ୍ରସଙ୍ଗ ଏହିକି ଯେ, ହ. ଇସ୍‌ମାଇଲ୍ ଅ.ସ ନିଜ ପରେ ଯେଉଁ ଲୋକମାନଙ୍କୁ ଛାଡ଼ି ଯାଇଥିଲେ ତନ୍ମଧ୍ୟରୁ ଅନେକ ଲୋକ ମୁସରିକ୍ (ଈଶ୍ୱରଙ୍କ ସହିକ ସମକକ୍ଷ କରୁଥିବା ବ୍ୟକ୍ତି) ଏବଂ ମୂର୍ତ୍ତି ଉପାସକ ହୋଇଗଲେ । କିନ୍ତୁ ସଂସାରର କୌଣସି ବ୍ୟକ୍ତି ଉକ୍ତ କଥାକୁ ପ୍ରତ୍ୟାଖ୍ୟାନ କରିପାରିବ ଯେ, ଧର୍ମକୁ ପ୍ରସାରିତ କରିବାର ଯୋଗ୍ୟତା ସେହି ଲୋକମାନଙ୍କ ମଧ୍ୟରେ ରହିଥିଲା। ନିଃସନ୍ଦେହ ରୂପେ ମକ୍କାବାସୀ ଇସ୍‌ଲାମ୍ ଧର୍ମକୁ ବିରୋଧ କଲେ, ନିଃସନ୍ଦେହ ରୂପେ କୁରୈଶ୍‌ମାନେ ରସୁଲ୍ କରୀମ୍ ସ.ଅଙ୍କ ବିରୋଧ କଲେ । କେବଳ ବିରୋଧ କଲେ ତାହା ନୁହେଁ । ବରଂ ଅବୁ ଜହଲ୍‌କୁ ଉପସ୍ଥାପିତ କରି କୌଣସି ବ୍ୟକ୍ତି ଏହା କହିପାରିବ ଯେ, ଯେଉଁ ଜାତିରେ ଅବୁ ଜହଲ୍ ପରି ଲୋକ ଜନ୍ମ ଗ୍ରହଣ କରିବାର ଥିଲା, କ'ଣ ତା' ସଂପର୍କରେ ଏହି ଭବିଷ୍ୟବାଣୀ କରାଯାଇଥିଲା وَطَهِّرۡ بَيۡتِىَ لِلطَّآئِفِيۡنَ وَالۡقَآئِمِيۡنَ وَالرُّكَّعِ السُّجُوۡدِ ଆମ୍ଭ ଗୃହକୁ ପୂର୍ଣ୍ଣ ପରିକ୍ରମଣକାରୀଙ୍କ ସକାଶେ ପୂର୍ଣ୍ଣ ରୂପେ ଦଣ୍ଡାୟମାନ ହୋଇ ଉପାସନା କରୁଥିବା ବ୍ୟକ୍ତିମାନଙ୍କ ସକାଶେ ତଥା ରୁଜୁ ରୁକୁ ଓ ସିଜ୍‌ଦା କରୁଥିବା ବ୍ୟକ୍ତିମାନଙ୍କ ନିମନ୍ତେ ପ୍ରସ୍ତୁତ ରଖ (ଅର୍ଥାତ୍ ପବିତ୍ର ରଖ) ?

ମୁଁ ସେହି ବ୍ୟକ୍ତିକୁ କହିବି, ହେ ଅବୋଧ ବ୍ୟକ୍ତି ! ତୋତେ ଅବୁ ଜହଲ୍ ତ' ଦିଶିଲା ଯିଏ ମୃତ୍ୟୁବରଣ କଲା । କିନ୍ତୁ ତୋତେ ଅବୁ ବକ୍କର ର.ଅ ଦିଶୁ ନାହିଁ ଯାହାଙ୍କ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଅବ୍ୟାହତ ରହିଛି । ତୋତେ ଉତ୍‌ବା, ଶୈବା ତ' ଦିଶିଲେ ଯିଏ ଜନ୍ମ ହୋଇ ମୃତ୍ୟବରଣ କଲେ । କିନ୍ତୁ ତୋତେ ଉମର୍, ଉସ୍‌ମାନ୍ ଓ ଅଲୀ ଦିଶେଲ ନାହିଁ । ଏମାନଙ୍କୁ ସାର୍ବକାଳୀନ ଜୀବନ ପ୍ରଦାନ କରାଯାଇଛି । ଏମାନଙ୍କ କୃତିତ୍ୱ ପ୍ରଳୟ ଦିବସ ପର୍ଯ୍ୟନ୍ତ ସଂସାରରୁ ନିଶ୍ଚିହ୍ନ ହେବ ନାହିଁ। ସୁତରାଂ ନିଃସନ୍ଦେହ ରୂପେ ସେହି ଲୋକମାନେ ଖରାପ ହୋଇଯାଇଥିଲେ। କିନ୍ତୁ ସେମାନଙ୍କର ଦୋଷ ଦୁର୍ବଳତା ଏପରି ଥିଲା ଯେପରିକି କୋଟ୍ ଉପରେ ମାଟି ପଡ଼ିଗଲେ କିମ୍ବା ସେମାନେ ଅମୂଲ୍ୟ ହୀରା ତ' ଥିଲେ କିନ୍ତୁ ସେମାନଙ୍କୁ କାଟି ସଠିକ୍ ଆକୃତିର କରାଯାଇ ନଥିଲା। ଯେତେବେଳେ ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ ଧ୍ୟାନ ଏବଂ ଆପଣ ସ.ଅଙ୍କୁ ପ୍ରଦାନ କରାଯଇଥିବା ଈଶ୍ୱରଦତ୍ତ ଶକ୍ତିର କଲ୍ୟାଣ ଯୋଗୁଁ ସେମାନଙ୍କୁ ସଠିକ୍ ଆକୃତି ପ୍ରଦାନ କରାଗଲା। ସେହି ହୀରାମାନେ ସଂସାର ସର୍ବୋତ୍କୃଷ୍ଟ ସାଧନ ରୂପେ ଗଣ୍ୟ ହେବାକୁ ଲାଗିଲେ । ସୁତରାଂ ଅବୁ ଜହଲ୍ ଇକ୍ରମା ର.ଅଙ୍କ ଆକାରରେ ଆସି, ଅୱାଇଲ, ଅମ୍ର ଆକାରରେ ଓ ଅବୁ ସୁଫିୟାନ, ମୁଆୱିୟା ଏବଂ ୟଜିଦ୍ ବିନ୍ ଅନୁ ସୁଫିୟାନ ଆକାରରେ ପ୍ରକାଶିତ ହେଲା ।

ଯେପର୍ଯ୍ୟନ୍ତ ସ୍ୱର୍ଣ୍ଣ କଣିକାମାନ ମାଟିରେ ମିଶ୍ରିତ ହୋଇ ରହିଛି ସେପର୍ଯ୍ୟନ୍ତ ତା'ର କୌଣସି ମୂଲ୍ୟ ନାହିଁ। କିନ୍ତୁ ଯେତେବେଳେ ଜଣେ ଅଭିଜ୍ଞ ବ୍ୟକ୍ତିର ଦୃଷ୍ଟି ସେହି ସ୍ୱର୍ଣ୍ଣ କଣିକା ଉପରେ ପଡ଼େ ସେତେବେଳେ ସେହି ବ୍ୟକ୍ତି ସେହି କଣିକାଗୁଡ଼ିକୁ ମାଟିରୁ ଅଲଗା କରି ନେଇଥାଏ ବା ଛାଟିଥାଏ । ପୁନଶ୍ଚ ସେହି ସ୍ୱର୍ଣ୍ଣ କଣିକାଗୁଡ଼ିକୁ ଉଚ୍ଚ ଦରର ବିକ୍ରି ହୋଇଥାଏ । ଠିକ୍ ସେହିପରି ହୀରା ଯେପର୍ଯ୍ୟନ୍ତ ପଥର ମଧ୍ୟରେ ରହିଥାଏ ସେପର୍ଯ୍ୟନ୍ତ ସେହି ହୀରାର ମୂଲ୍ୟ ସଂପର୍କରେ କାହାରିକୁ କିଛି ଜଣା ନଥାଏ । କିନ୍ତୁ ଯେତେବେଳେ କୌଣସି ଅଭିଜ୍ଞ ବ୍ୟକ୍ତ ସେହି ପଥରକୁ କାଟି ହୀରାକୁ ତା'ର ପ୍ରକୃତାବସ୍ଥା ତଥା ପ୍ରକୃତ ଆକୃତିରେ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରେ ସେତେବେଳେ ସେହି ହୀରାର ମୂଲ୍ୟ ଲକ୍ଷାଧିକ ନୁହେଁ ବରଂ କୋଟି ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ ।

**(ତଫ୍‌ସିର୍ କବିର୍, ଭାଗ-6, ପୃ-25-27)**

☆--☆--☆

## ପୃ-12ରେ ବର୍ଣ୍ଣିତ ଖୁତ୍‌ବାର ଅବଶିଷ୍ଟାଂଶ........

ବିଶେଷ କରି ମୋର ସମସ୍ତ ଭାଷଣ ଦେଖାଇଥିଲେ । ତହିଁରେ ଅନେକ ରାଷ୍ଟ୍ରମାନେ ସଂପୃକ୍ତ ଅଛନ୍ତି ଏବଂ 40 ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ମୋର ବାର୍ତ୍ତା ପହଞ୍ଚିଲା ଏବଂ ଲୋକମାନେ ଏହାକୁ ଶୁଣିଲେ । ସାମ୍ବାଦିକ ଏବଂ ଗଣମାଧ୍ୟମ କେନ୍ଦ୍ର ପ୍ରସ୍ତୁତ କରାଯାଇଥିଲା । ତହିଁରେ 30ଟି ଗଣମାଧ୍ୟମର ନିର୍ଦ୍ଦେଶକମାନେ ଏବଂ ସମ୍ବାଦିକମାନେ ସାମିଲେ ହେଲେ ଏବଂ ପ୍ରତ୍ୟେକ ଦିନ ନିୟମିତ ଭାବରେ ରିପୋର୍ଟସ୍ ପ୍ରସ୍ତୁତ ହେଉଥିଲା । ଏହିପରି ଭାବରେ ମୋଟ୍ 72ଟି ନ୍ୟୁଜ୍ ରିପୋର୍ଟସ୍ ପ୍ରସ୍ତୁତ କରାଗଲା ଯାହାକି ପ୍ରାୟ 50 ଲକ୍ଷ ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚିଥିଲା ।

41ଟି ୱେବ୍‌ସାଇଟ୍‌ରେ ଖବର ପ୍ରସାରଣ ହେଲା ଏବଂ ସେହି ୱେବ୍‌ସାଇଟ୍‌କୁ ପାଠ କରୁଥିବା ଲୋକମାନଙ୍କର ସଂଖ୍ୟା ମଧ୍ୟ 19 ଲକ୍ଷ ବୋଲି କୁହାଯାଉଛି । ଜଲ୍‌ସା ସଂକ୍ରାନ୍ତରେ ଖବର କାଗଜରେ ପ୍ରକାଶିତ ହେବାକୁ ଥିବା ବିଷୟବସ୍ତୁର ସଂଖ୍ୟା 15 ଥିଲା । ସେହି ବିଷୟବସ୍ତୁକୁ ପାଠ କରିଥିବା ଲୋକମାନଙ୍କ ସଂଖ୍ୟା 5 ଲକ୍ଷ ବୋଲି କୁହାଯାଉଛି । ବିଭିନ୍ନ ଟି.ଭି ଚ୍ୟାନେଲ୍ ମାଧ୍ୟମରେ 14ଟି ଖବର ପ୍ରସାରଣ କରାଯାଇଥିଲା ।

ଏହାକୁ ଦେଖିଥିବା ଦର୍ଶକମାନଙ୍କର ସଂଖ୍ୟା 20 ଲକ୍ଷ ବୋଲି କୁହାଯାଉଛି । ରେଡ଼ିଓ ଷ୍ଟେସନ ଜରିଆରେ 37ଟି ଖବର ପ୍ରସାରଣ କରାଯାଇଥିଲା । ବିଗତ ବର୍ଷ ଏହି ରେଡ଼ିଓ ଖବର ସଂଖ୍ୟା 33 ଥିଲା । ଚଳିତ ବର୍ଷ ଏହି ସଂଖ୍ୟା 37କୁ ବୃଦ୍ଧି ପାଇଛି ଏବଂଶ୍ରୋତାମଣ୍ଡଳୀଙ୍କ ସଂଖ୍ୟା 8 ଲକ୍ଷ ଅଟେ। ଲୋକମାନେ ନିଜ ଚିନ୍ତାଧାରା ମଧ୍ୟ ପ୍ରକାଶ କରିଛନ୍ତି ଏବଂ 20 ଲକ୍ଷ ଲୋକମାନଙ୍କ ପର୍ଯ୍ୟନ୍ତ ଜମାଅତ୍‌ର ବାର୍ତ୍ତା ପହଞ୍ଚିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହିପରି ଅସଂଖ୍ୟ ଟି.ଭି ଚ୍ୟାନେଲ ରହିଛି । ତନ୍ମଧ୍ୟରେ ବି.ବି.ସି ଇତ୍ୟାଦି ଅନ୍ୟତମ ଅଟନ୍ତି । ୟୁ.କେର ଅନେକ ନ୍ୟୁଜ୍ ଚ୍ୟାନେଲ ଅନ୍ତର୍ଭୁକ୍ତ ଅଟନ୍ତି । ପୃଥିବୀର ଅନେକ ରାଷ୍ଟ୍ରର ଚ୍ୟାନେଲ୍‌ମାନେ ମଧ୍ୟ ସାମିଲ୍ ଅଟନ୍ତି ।

ସେ ଯାହା ହେଉ ଅଲ୍ଲାଃତାଲାଙ୍କ କୃପାରୁ ଜଲ୍‌ସାର ଖବର ପହଞ୍ଚିଛି, ଜମାଅତ୍‌ର ପରିଚୟ ଦିଆଗଲା, ଇସ୍‌ଲାମ୍ ଧର୍ମର ପରିଚୟ ପ୍ରଦାନ କରାଗଲା ଏବଂ ପ୍ରତ୍ୟେକ ଦୃଷ୍ଟିରୁ ଅଲ୍ଲାଃତାଲା ଉକ୍ତ ଜଲ୍‌ସାକୁ କଲ୍ୟାଣମୟ କଲେ ।

ଅଲ୍ଲାଃତାଲ ଆମମାନଙ୍କୁ ବିନୀତ ତଥା କୃତଜ୍ଞ ଭକ୍ତ ରୂପେ ଗଢି ତୋଳି ଆମମାନଙ୍କୁ ସର୍ବଦା ନିଜର ସଂଶୋଧନ, ସଂସ୍କାର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଆମେମାନେ ସର୍ବଦା ଜମାଅତ୍ ସହିତ ଏକ ବିଶେଷ ଓ ଦୃଢ ସଂପର୍କ ସ୍ଥାପନକାରୀ ବ୍ୟକ୍ତି ରୂପେ ପରିଗଣିତ ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ସେହିପରି ହ. ମସିହ୍ ମଉଦ୍ ଅ.ସଙ୍କର ଆଗମନର ଅଭିପ୍ରାୟକୁ ଚରିତାର୍ଥ କରିବା ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ। **ଆମିନ୍** ।

☆--☆--☆

## (ଖୁତ୍‌ବା ଜୁମା)

ଜାତିର ଅଧିପତି ଜାତିର ସେବକ ଅଟନ୍ତି । ଉକ୍ତ ଚିନ୍ତାଧାରା ଆମମାଙ୍କର ପଦାଧିକାରୀମାନଙ୍କ ମଧ୍ୟରେ ହେବା ଉଚିତ୍ । ଆମମାନଙ୍କର ଜମାଅତୀୟ ବ୍ୟବସ୍ଥାରେ ପ୍ରତ୍ୟେକ ପଦବୀ କିମ୍ବା କୌଣସି ସେବା ନିମନ୍ତେ ଯେତେବେଳେ କୌଣସି ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଇଥାଏ ସେତେବେଳେ ତାହା ସନ୍ତକ ବା ନ୍ୟାସ ଅଟେ । ଆମମାନଙ୍କୁ ଏହି ଉଦ୍ୟମ କରିବା ଉଚିତ୍ ଯେ, ଆମେମାନେ ନିଜ ମଧ୍ୟରେ ସର୍ବୋତ୍କୃଷ୍ଟ ଲୋକମାନଙ୍କୁ ମନୋନୀତ କରିବୁ ଏବଂ ଦୁଆ ମାଧ୍ୟମରେ ମନୋନୀତ କରିବୁ । ଯେଉଁ ବ୍ୟକ୍ତିଙ୍କୁ ବି ମୁଁ କୌଣସି କାର୍ଯ୍ୟ ନିମନ୍ତେ ନିଯୁକ୍ତ କରିଥାଏ ଅଲ୍ଲାଃତାଲା ସେହି ବ୍ୟକ୍ତିଙ୍କୁ ସାହାଯ୍ୟ କରନ୍ତି ଏବଂ ଯେଉଁ ବ୍ୟକ୍ତି ଇଚ୍ଛା ବ୍ୟକ୍ତ କରି କୌଣସି କାର୍ଯ୍ୟ ବା ଦାୟିତ୍ୱକୁ ସ୍ୱୟଂ ବହନ କରେ ତେବେ ଅଲ୍ଲାଃତାଲାଙ୍କ ପକ୍ଷରୁ ସେହି ବ୍ୟକ୍ତିଙ୍କୁ ସାହାଯ୍ୟ ପ୍ରାପ୍ତ ହୋଇ ନଥାଏ । (ଅଲ୍ ହଦିସ୍)

---

ପଦର ଲାଳସା ରଖିବା, କୌଣସି କାର୍ଯ୍ୟର ନିରୀକ୍ଷକ ଏବଂ ତତ୍ତ୍ୱାବଧାରକ ହୋଇ ତାହାକୁ ସମ୍ପାଦନ କରିବା ନିମନ୍ତେ ଇଚ୍ଛା ପ୍ରକାଶ କରିବା ପ୍ରିୟ ନୁହେଁ । ହଁ ସେବା କରିବାର ଉତ୍ସାହ ଏବଂ ସ୍ପୃହା ମନରେ ରହିବା ଉଚିତ୍, ସେ ପଛେ ଯେକୌଣସି ଆକାରରେ ହେଉ ନା କାହିଁକି ଏହା ହିଁ ପ୍ରିୟ ପ୍ରସଙ୍ଗ ଅଟେ । ଯଦି ବ୍ୟକ୍ତି କୌଣସି ପଦ ପ୍ରାପ୍ତିରେ ଲାଳସା ମନ ଭିତରେ ପୋଷଣ କରେ ବା ପଦ ପ୍ରାପ୍ତିର ଅଭିଳାଷୀ ହୁଏ ତେବେ ଜମାଅତୀୟ ବ୍ୟବସ୍ଥାରେ ଓ ପ୍ରତ୍ୟେକ ନିର୍ବାଚନ ଫୋରମରେ ତା'କୁ ହତୋତ୍ସାହିତ କରିବା ଉଚିତ୍ । ଯେଉଁ ସଦସ୍ୟମାନେ ବି ମଜଲିସେ ଇନ୍ତିଖାବ୍‌ର (ଚୟନ କମିଟିର) ସଦସ୍ୟ ହେବେ ସେମାନେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ନିଜର ମତଦାନର ଅଧିକାର ସାବ୍ୟସ୍ତ କରନ୍ତୁ ଏବଂ ଦୁଆ କରିବା ପରେ ନ୍ୟାୟପ୍ରିୟ ହୋଇ ନିଜ ଦୃଷ୍ଟିରେ ସର୍ବୋତ୍ତମ ବ୍ୟକ୍ତିର ସୁପାରିଶ୍ ଉପସ୍ଥିତ ଖଲିଫାଙ୍କୁ ଉପସ୍ଥାପିତ କରନ୍ତୁ ।

---

କେତେକ ପଦାଧିକାରୀମାନଙ୍କ ବିରୁଦ୍ଧରେ ଏହି ଅଭିଯୋଗ ପ୍ରାପ୍ତ ହୋଇଥାଏ ଯେ, ସେମାନଙ୍କର ଆଚରଣ ତଥା ବ୍ୟବହାରରେ ବିନୀତତା ନାହିଁ ଏବଂ ଏହିପରି ବ୍ୟବହାର ପରିପ୍ରକାଶ ହୋଇଥାଏ ଯେପରି ସଂପୃକ୍ତ ବ୍ୟକ୍ତି ଜଣକ ପଦରେ ଆସୀନ ହେବା ପରେ ଅସାଧାରଣ ବ୍ୟକ୍ତି ହୋଇଯାଇଛି । ପଦାଧିକାରୀମାନେ ନିଜ ମଧ୍ୟରେ ବିନୀତତା, ବିନମ୍ରତା ସୃଷ୍ଟି କରନ୍ତୁ ଏବଂ ସେମାନଙ୍କ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ ହୋଇଛି ତାହାର ଅଧିକାର ସମ୍ପାଦନ କରିବା ସହିତ ନିଜର ଦାୟିତ୍ୱକୁ ସଠିକ୍ ରୂପେ ନିର୍ବାହ କରନ୍ତୁ । ପ୍ରତ୍ୟେକ ପଦାଧିକାରୀଙ୍କ ନିଜର ବିଭାଗର ବିକାଶ ତଥା ଉନ୍ନତି ନିମନ୍ତେ ଅନ୍ତତଃ ଦୁଇ ରେକାତ୍ ନଫିଲ୍ ନମାଜ ଦୈନିକ ପାଠ କରିବା ଉଚିତ୍ । କାରଣ ଏପରି କରିବା ଦ୍ୱାରା ଅଲ୍ଲାଃତାଲା କଲ୍ୟାଣ ପ୍ରଦାନ କରିଥାନ୍ତି । ଯଦି ତର୍ବିୟତ୍ (ସଂସ୍କାର) ବିଭାଗ ସକ୍ରିୟ ଓ ତତ୍ପର ହୋଇଯାଏ ତେବେ ଅନ୍ୟ ବିଭାଗ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ମୋ ଆକଳନ ଅନୁଯାୟୀ ପ୍ରାୟତଃ 70% ଭଲ ଭାବରେ କାମ କରିବା ଆରମ୍ଭ କରିଦେବେ । ପ୍ରତ୍ୟେକ ପଦାଧିକାରୀଙ୍କର ଏହି କାର୍ଯ୍ୟ ରହିଛି ଯେ, ସେମାନେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସହିତ ବ୍ୟକ୍ତିଗତ ସଂପର୍କ ସ୍ଥାପନ କରି ସେମାନଙ୍କ ସହିତ ବ୍ୟକ୍ତିଗତ ସଂପର୍କକୁ ବୃଦ୍ଧି କରନ୍ତୁ ।

---

ଜମାଅତ୍‌ର ବ୍ୟବସ୍ଥା ତ' ପରସ୍ପର ସହିତ ସହାନୁଭୂତିର ଭାବ ସୃଷ୍ଟି କରିବା ନିମନ୍ତେ ଏବଂ ପରସ୍ପରର ଧ୍ୟାନ ଏବଂ ପରସ୍ପରର ଯତ୍ନ ନେବା ନିମନ୍ତେ ତିଆରି କରାଯାଇଛି । ଆମେମାନେ ସମସ୍ତେ ଏକ ଅଟୁ ଏବଂ ଆମେମାନେ ସମସ୍ତ ଭାଇ ଭାଇ ଅଟୁ ଓ ହ. ମସିହ୍ ମଉଦ୍ ଅ.ସଙ୍କ ମିଶନକୁ ପୂର୍ଣ୍ଣ କରିବା ନିମନ୍ତେ ନିଜ ନିଜର ସାମର୍ଥ୍ୟାନୁଯାୟୀ ଉଦ୍ୟମ କରୁଅଛୁ । ଏହି ଚିନ୍ତାଧାରା ଜମାଅତ୍‌ର ବ୍ୟବସ୍ଥାକୁ ସର୍ବାଙ୍ଗ ସୁନ୍ଦର ବ୍ୟବସ୍ଥା ରୂପେ ଗଢି ତୋଳିବ ଏବଂ ଏହି ଚିନ୍ତାଧାରା ହିଁ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସମୀପବର୍ତ୍ତୀ କରାଇ ପାରିବ । ପୃଥିବୀର ସମସ୍ତ ଜମାଅତ୍‌ର ଦେଶୀୟ ତଥା ସ୍ଥାନୀୟ ମଜଲିସ୍ ଆମେଲା ଏବଂ ସେହିପରି ଅଧିନସ୍ଥ ଗୋଷ୍ଠୀଗୁଡ଼ିକୁ ତତ୍‌ସମ୍ବନ୍ଧରେ ବହୁତ ଚିନ୍ତା କରିବା ଏବଂ କାର୍ଯ୍ୟପନ୍ଥା କରିବାର ଆବଶ୍ୟକତା ରହିଛି । କାରଣ ଆପଣମାନେ ନିଜର ଅମାନତର (ନ୍ୟାସ/ସନ୍ତରକର) ଅଧିକାର ସଠିକ୍ ରୂପେ ସମ୍ପାଦିତ କରିପାରିବେ ।

---

ତର୍ବିୟତ୍ (ସଂସ୍କାର) ବିଭାଗ ଯଦି ସକ୍ରିୟ ଓ ତତ୍ପର ରହିଛି ତେବେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପାରସ୍ପାରିକ କଳହ ସଂପର୍କିତ ପ୍ରସଙ୍ଗ ଏବଂ ସମସ୍ୟା କିମ୍ବା ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଭୁଲ କାର୍ଯ୍ୟରେ ଲିପ୍ତ ସଂପର୍କିତ ପ୍ରସଙ୍ଗ, ବିରୋଧୀମାନଙ୍କର କୌଣସି ମାଧ୍ୟମରେ ଅବା ଦୁର୍ବଳ ବିଶ୍ୱାସକାରୀଙ୍କ ମାଧ୍ୟମରେ ଜମାଅତ୍‌ରେ ଅଶାନ୍ତି, ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଯେଉଁ ପ୍ରୟାସ ରହିଛି, ଯାହାକି ଉମୁରେ ଆମ୍ମାରେ ଉପସ୍ଥାପିତ ହୋଇଥାଏ ତାହାର ସମାଧାନ ଅତି ସହଜେ ହୋଇଯାଇଥାଏ । ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ମୁଁ କହି ରଖୁଛି ଯେ, ସେମାନଙ୍କର ଯେଉଁ ପତ୍ର ବି ଏଠାକୁ ଆସିଥାଏ, ଏଠାରେ ପହଞ୍ଚିଯାଏ ସେହି ପତ୍ରକୁ ଖୋଲା ଯାଇଥାଏ ଏବଂ ପାଠ ମଧ୍ୟ କରାଯାଇଥାଏ ଓ ଏହା ଉପରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇଥାଏ ।

---

ପଦାଧିକାରୀଙ୍କର ଏହି କାର୍ଯ୍ୟ ରହିଛି ଯେ, ସେମାନଙ୍କ ଉପରେ ଅଲ୍ଲାଃତାଲା ଯେଉଁ ନ୍ୟାସ ନ୍ୟସ୍ତ କରିଛନ୍ତି ତାହାର ଅଧିକାର ସମ୍ପାଦନ କରନ୍ତୁ ଏବଂ ନିଜ ନିଜର କର୍ତ୍ତବ୍ୟକୁ ସତ୍‌ଉଦ୍ଦେଶ୍ୟ ହୋଇ ସମ୍ପାଦନ କରନ୍ତୁ, ଅଲ୍ଲାଃତାଲାଙ୍କ ଭୟ ମନ ଭିତରେ ରଖି ଏହାକୁ ସମ୍ପାଦନ କରନ୍ତୁ, ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବା ନିମନ୍ତେ ସେହି କର୍ତ୍ତବ୍ୟକୁ ସମ୍ପାଦନ କରନ୍ତୁ । ଆପଣମାନେ ଉପସ୍ଥିତ ଖଲିଫାଙ୍କର ସହାୟକ ହୋଇ ଉପରୋକ୍ତ କାର୍ଯ୍ୟକୁ ସମ୍ପାଦନ କରନ୍ତୁ । ଏପର୍ଯ୍ୟନ୍ତକି ସେହି ଦାୟିତ୍ୱ ତଥା କାର୍ଯ୍ୟକୁ ଯଥାସମ୍ଭବ ଲୋକମାନଙ୍କର ବିଶ୍ୱାସର ସଦୃଢତା ଏବଂ ଲୋକମାନଙ୍କୁ ଲାଭ ପହଞ୍ଚାଇବା ନିମନ୍ତେ ନିଜ ଦାୟିତ୍ୱକୁ ସଠିକ୍ ରୂପେ ନିର୍ବାହ କରନ୍ତୁ ।

## ପଦାଧିକାରୀଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱାବଳୀ

ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା **18 AUGUST 2023 ମସିହା ଅନୁଯାୟୀ ୨୮ ଓଫା /୧୪୦୨ ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔
أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ
رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ
وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି, اِنَّ اللّٰهَ يَاْمُرُكُمْ اَنْ تُؤَدُّوا الْاَمٰنٰتِ اِلٰٓى اَهْلِهَا (ଅନ୍ ନିସା:59) ଅର୍ଥାତ୍ ବାସ୍ତବରେ ଅଲ୍ଲାଃତାଲା ତୁମମାନଙ୍କୁ ଆଦେଶ ଦେଇଛନ୍ତି ଯେ, ତୁମେମାନେ ଅମାନତ୍‌କୁ (ନ୍ୟାସ) ତାହାର ବ୍ୟକ୍ତିମାନଙ୍କୁ ହିଁ ଅର୍ପଣ କର ଏବଂ ତୁମେମାନେ ଲୋକମାନଙ୍କ ମଧ୍ୟରେ ନିଷ୍ପତ୍ତି କରିବା ବେଳେ ନ୍ୟାୟସଙ୍ଗତ ହୋଇ ନିଷ୍ପତ୍ତି କର । ପୁନଶ୍ଚ ଏକ ହଦିସ୍‌ରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ କହିଲେ, କୌଣସି

ପଦ ଏବଂ ଏପରି ଏକ ମର୍ଯ୍ୟାଦା ଯହିଁରେ ଲୋକମାନଙ୍କର ପ୍ରସଙ୍ଗକୁ ଦେଖିବାର ଅଧିକାରା ପ୍ରଦାନ କରାଯାଇଥିବ କିମ୍ବା ଲୋକମାନଙ୍କୁ ନିରୀକ୍ଷକ ରୂପେ ନିଯୁକ୍ତ କରାଯାଇଥିବ ତେବେ ଏହା ମଧ୍ୟ ଏକ ଅମାନତ୍ (ନ୍ୟାସ) ଅଟେ । **(ସହି ମୁସ୍‌ଲିମ୍, କାତାବୁଲ୍ ଅମ୍ମାରତା, ବାବ କରାହତୁଲ୍ ଅମ୍ମାରାହ୍ ବିଗୈରି ଜରୁରତା, ହଦିସ୍ ନଂ-4719)**

ଅତଏବ୍ ଏହି ଦୃଷ୍ଟିରୁ ଆମର ଜମାଅତୀୟ ବ୍ୟବସ୍ଥାରେ ମଧ୍ୟ ପ୍ରତ୍ୟେକ ପଦ କିମ୍ବା କୌଣସି ସେବା କିମ୍ବା ପଦା ନିମନ୍ତେ କୌଣସି ବ୍ୟକ୍ତିକୁ ନିଯୁକ୍ତ କରାଯାଇଥାଏ ତେବେ ତାହା ଅମାନତ୍ ଅଟେ ।

ଆମ ଜମାଅତ୍‌ରେ ଜମାଅତୀୟ ବ୍ୟବସ୍ଥାରେ ପ୍ରତ୍ୟେକ ସ୍ତରରେ ଆମେମାନେ ନିଜର ପଦାଧିକାରୀଙ୍କୁ ମନୋନୀତ କରିଥାଉ । ସ୍ଥାନୀୟ ବା ଆଞ୍ଚଳିକ ସ୍ତରରୁ ଆରମ୍ଭ କରି କେନ୍ଦ୍ରୀୟ, ଜାତୀୟ ସ୍ତର ପର୍ଯ୍ୟନ୍ତ । ସେହିପରି ମର୍କଜରେ, ଅଧୀନସ୍ଥ ଗୋଷ୍ଠୀମାନଙ୍କରେ ଏହି କ୍ରମ ସ୍ଥିର କରାଯାଇଥାଏ । କେନ୍ଦ୍ରୀୟ ବ୍ୟବସ୍ଥା ରହିଛି କିମ୍ବା ଗୋଷ୍ଠୀମାନଙ୍କର ବ୍ୟବସ୍ଥା ରହିଛି ପ୍ରତ୍ୟେକ ସ୍ଥାନରେ ତୃଣମୂଳ ସ୍ତରରୁ ଆରମ୍ଭ କରି କେନ୍ଦ୍ରୀୟ ସ୍ତର ପର୍ଯ୍ୟନ୍ତ ପଦାଧିକାରୀମାନେ ନିଯୁକ୍ତ ହୋଇଥାଆନ୍ତି ଏବଂ ପ୍ରାୟତଃ ନିର୍ବାଚନ ମାଧ୍ୟମରେ ପ୍ରାର୍ଥୀମାନେ ମନୋନୀତ ହୋଇଥାଆନ୍ତି । ସୁତରାଂ ଅଲ୍ଲାଃତାଲାଙ୍କର ଆଦେଶ ରହିଛି ଯେ, ତୁମେମାନେ ଯେତେବେଳେ ନିଜର ପଦାଧିକାରୀମାନଙ୍କୁ ମନୋନୀତ କର ତେବେ ସେପରିପ୍ରେକ୍ଷୀରେ ଏପରି ଲୋକମାନଙ୍କୁ ନିର୍ବାଚିତ କର ଯେଉଁମାନେ ତୁମମାନଙ୍କ ପ୍ରକାଶ୍ୟ ଦୃଷ୍ଟିରେ ଉକ୍ତ କାର୍ଯ୍ୟ ପାଇଁ ଉପଯୁକ୍ତ ଏବଂ ଉତ୍କୃଷ୍ଟ ହୋଇଥିବେ ଓ ସେମାନେ ନିଜ ନ୍ୟାସର କର୍ତ୍ତବ୍ୟ ନିର୍ବାହ କରିପାରିବେ ସେହିମାନଙ୍କୁ ହିଁ ଚୟନ କର ।

ନିର୍ବାଚନ ସମୟରେ ଭାଇ, ବନ୍ଧୁ, ଜ୍ଞାତି କୁଟୁମ୍ବ କିମ୍ବା ଆତ୍ମୀୟ ସ୍ୱଜନର ବାଛ ବିଚାର କରିବା ଅନୁଚିତ୍ ଅଟେ । ବେଳେବେଳେ ପଦାଧିକାରୀମାନଙ୍କୁ କେନ୍ଦ୍ରୀୟ ରୂପେ କିମ୍ବା ଉପସ୍ଥିତ ଖଲିଫାଙ୍କ ପକ୍ଷରୁ ସିଧାସଳଖ ମଧ୍ୟ ନିଯୁକ୍ତ କରାଯାଇଥାଏ ଏବଂ ଏହି ଉଦ୍ୟମ ହୋଇଥାଏ ଯେ, ଧ୍ୟାନପୂର୍ବକ ଯେଉଁମାନେ ସର୍ବୋତ୍ତମ ଅଟନ୍ତି ଏବଂ ସେମାନେ ଉକ୍ତ ପଦବୀ ତଥା କାର୍ଯ୍ୟ ନିମନ୍ତେ ଉପଯୁକ୍ତ ହୁଅନ୍ତି ସେହିମାନଙ୍କୁ ହିଁ ନିଯୁକ୍ତ କରାଯାଇଥାଏ । କିନ୍ତୁ ବେଳେବେଳେ ଆକଳନ ଭୁଲ୍ ମଧ୍ୟ ସାବ୍ୟସ୍ତ ହୋଇଥାଏ କିମ୍ବା ପଦ ପଦବୀ ପ୍ରାପ୍ତ କରିବା ପରେ ଲୋକମାନଙ୍କର ଆଚରଣରେ ପରିବର୍ତ୍ତନ ଦେଖା ଦେଇଥାଏ । ଯେଉଁ ବିନୀତତା, ବିନମ୍ରାତ, ଶ୍ରମ ଏବଂ ନ୍ୟାୟ ଦ୍ୱାରା କାର୍ଯ୍ୟ କରିବାର ମନୋଭାବ ଜଣେ ପଦାଧିକାରୀଙ୍କ ମଧ୍ୟରେ ରହିବା କଥା ତାହା ନଥାଏ । ସୁତରାଂ ଏପରି ବ୍ୟକ୍ତିର ଆଚରଣର ଦାୟିତ୍ୱ ସେହି ବ୍ୟକ୍ତି ଉପରେ ହିଁ ନ୍ୟସ୍ତ ହେବ ନା କି ମନୋନୀତକାରୀ ବ୍ୟକ୍ତି ଉପରେ । ସେ ଯାହା ହେଉ ଆମମାନଙ୍କୁ ଏହି ଉଦ୍ୟମ କରିବା ଉଚିତ୍ ଯେ, ଆମେମାନେ ନିଜ ମଧ୍ୟରୁ ସର୍ବୋତ୍କୃଷ୍ଟ ବ୍ୟକ୍ତିଙ୍କୁ ମନୋନୀତ କରିବୁ ଏବଂ ଦୁଆ କରି ଲୋକଙ୍କୁ ନିର୍ବାଚିତ କରିବା ଉଚିତ୍ ।

ସେ ଯାହେ ହେଉ ନା କାହିଁକି ସାଧାରଣ ଭାବରେ ଏହି ଉଦ୍ୟମ ହୋଇଥାଏ ଯେ, ଯେଉଁ ବ୍ୟକ୍ତିକୁ କୌଣସି କାର୍ଯ୍ୟ ପାଇଁ ନିଯୁକ୍ତ କରାଯାଉଛି ସେ ଏପରି ନହେଉ ଯେ, ସେ ଆଗକୁ ବଢି କେବଳ ଏଇଥିପାଇଁ ଆସୁଛି ଯେ, ସେ ପଦାଧିକାରୀ ହୋଇଯିବ। ବେଳେବେଳେ ଏପରି ବ୍ୟକ୍ତିର ନାମ ଜମାଅତ୍‌ର ସଦସ୍ୟ ପକ୍ଷରୁ କୌଣସି ପଦବୀ ନିମନ୍ତେ ପ୍ରସ୍ତାବିତ ହୋଇ ଆସିଗଲେ ମଧ୍ୟ ତେବେ ମର୍କଜ୍ (କେନ୍ଦ୍ର)କୁ କିମ୍ବା ଉପସ୍ଥିତ ଖଲିଫା ଯଦି ଏପରି ପରିସ୍ଥିତି ସଂପର୍କରେ ଅବଗତ ଥାଆନ୍ତେ ତେବେ ସେପରିପ୍ରେକ୍ଷୀରେ ସଂପୃକ୍ତ ବ୍ୟକ୍ତିକୁ କାମ (ଦାୟିତ୍ୱ) ଦିଆଯାଇ ନଥାଏ ଏବଂ ଉକ୍ତ କଥା ଆଁହଜରତ ସ.ଅଙ୍କ ଆଦେଶାବଳୀ ଅନୁଯାୟୀ ଅଟେ । ଏକ ବର୍ଣ୍ଣନା ରହିଛି ଯେ, ଆଁହଜରତ ସ.ଅଙ୍କ ସମ୍ମୁଖକରୁ ଦୁଇ ଜଣ ବ୍ୟକ୍ତି ଆସିଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମକୁ ଅମକ ଦାୟିତ୍ୱ ବା କାମ ଦିଆଯାଉ, ଆମେମାନେ ସେହି ଦାୟିତ୍ୱ ବହନ କରିବା ନିମନ୍ତେ ଯୋଗ୍ୟ ଓ ଅଧିକାରୀ ବ୍ୟକ୍ତି ଅଟୁ । ଆପଣ ସ.ଅ କହିଲେ, ମୁଁ ଯେଉଁ ବ୍ୟକ୍ତିକୁ କୌଣସି କାର୍ଯ୍ୟ ପାଇଁ ନିଯୁକ୍ତ କରିଥାଏ ଅଲ୍ଲାଃତାଲା ତା'ର ସାହାଯ୍ୟ କରିଥାଆନ୍ତି ଏବଂ ଯେଉଁ ବ୍ୟକ୍ତି ନିଜେ ଇଚ୍ଛା ପ୍ରକାଶ କରି ନିଜ ଉପରେ କୌଣସି ଦାୟିତ୍ୱ ବହନ କରେ ବା କାର୍ଯ୍ୟ ନିଏ ତେବେ ଅଲ୍ଲାଃତାଲାଙ୍କ ପକ୍ଷରୁ ସେହି ବ୍ୟକ୍ତିକୁ ସାହାଯ୍ୟ ପ୍ରାପ୍ତ ହୋଇ ନଥାଏ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଇହ୍‌କାମ୍, ବାବ୍ ମନ୍ ଲମ୍ ୟସ୍‌ଅଲ୍ ଅମ୍ମାରତ୍ ଅଆନହୁଲ୍ଲାଃହୁ ଅଲୈହା, ହଦିସ୍ ନଂ-7146) (ସହିହୁଲ୍ ବୁଖାରୀ, କିତାବୁଲ୍ ଇହ୍‌କାମ୍, ବାବ ମା ଏକରହୁ ମିନଲ୍ ହରିସ ଅଲଲ୍ ଅମାରତା, ହାଦିସ୍ ନଂ-7149)** ସୁତରାଂ ସେହି ବ୍ୟକ୍ତିର କାର୍ଯ୍ୟରେ ବର୍କତ୍ (କଲ୍ୟାଣ) ହୋଇ ନଥାଏ । ଅତଏବ୍ କେବେ ବି କୌଣସି ପଦବୀ ପ୍ରାପ୍ତିର ଲାଳସା କରିବା ପାଇଁ ଉଦ୍ୟମ କରିବା ଅନୁଚିତ୍ ଅଟେ ।

ହଁ ଧର୍ମସେବା କରିବାର ଉତ୍ସାହ ଅବଶ୍ୟ ହେବା ଉଚିତ୍ । ବ୍ୟକ୍ତି ମନରେ ଏହା କହୁ କି ମୋତେ ଯଦି ଧର୍ମ ସେବା କରିବା ନିମନ୍ତେ ସୁଯୋଗ ପ୍ରାପ୍ତ ହୁଏ ତେବେ ମୁଁ ଅବଶ୍ୟ ଧର୍ମ ସେବା କରିବି । ସେହି ସେବା କୌଣସି ରୂପରେ ମିଳୁ ତାହାକୁ ସମ୍ପାଦନ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କରିବା ଉଚିତ୍ । ସୁତରାଂ ପଦ ପଦବୀ ପ୍ରାପ୍ତିର ଲାଳସା ବା ଇଚ୍ଛା ବ୍ୟକ୍ତ କରିବା, କୌଣସି କାର୍ଯ୍ୟର ନିରୀକ୍ଷକ ଏବଂ ତତ୍ତ୍ୱାବଧାରକ ତାହାକୁ କରିବା ନିମନ୍ତେ ଇଚ୍ଛା ବ୍ୟକ୍ତ କରିବା ଶୋଭନୀୟ କାର୍ଯ୍ୟ ନୁହେଁ । ହଁ ସେବା କରିବାର ଉତ୍ସାହ ଓ ମନୋବୃତ୍ତି ହେବା ଉଚିତ୍ । ତାହା କୌଣସି ରୂପରେ ହେଉ ନା କାହିଁକି ଏହା ଶୋଭନୀୟ କଥା ଅଟେ ।

ସୁତରାଂ ଉପରୋକ୍ତ କଥା ଚୟନ କରୁଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ସର୍ବଦା ସ୍ମରଣ ରଖିବା ଉଚିତ୍ । ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଏବଂ ଆଁହଜରତ ସ.ଅଙ୍କ ଆଦେଶାବଳୀକୁ ସର୍ବଦା ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ । କାରଣ ତୁମମାନଙ୍କ ଦୃଷ୍ଟିରେ ଦୁଆ ପରେ ଯେଉଁମାନେ କୌଣସି ସେବା ନିମନ୍ତେ ଯୋଗ୍ୟ ବ୍ୟକ୍ତି ଅଟନ୍ତି ସେହିମାନଙ୍କୁ ହିଁ ମନୋନୀତ କର । ଦ୍ୱିତୀୟତଃ ଯଦି କୌଣସି ବ୍ୟକ୍ତି କୌଣସି ପଦବୀ ନିମନ୍ତେ ଇଚ୍ଛୁକ ତେବେ ଜମାଅତୀୟ ବ୍ୟବସ୍ଥାରେ ଏବଂ ପ୍ରତ୍ୟେକ ନିର୍ବାଚନ ଫୋରମ୍‌ରେ ତା'କୁ ନିରୁତ୍ସାହିତ କରିବା ଉଚିତ୍ । ଚୟନକାରୀଙ୍କୁ ନ୍ୟାୟପ୍ରିୟ ହୋଇ ନିଜେ ପ୍ରାର୍ଥୀ ଚୟନ କରିବାର ଅଧିକାରକୁ ବ୍ୟବହାର କରିବା ଉଚିତ୍ ।

ପ୍ରାୟତଃ ନିର୍ବାଚନର ଏହି ପ୍ରକ୍ରିୟା ରହିଛି ଯେ, ଜାତୀୟ, କେନ୍ଦ୍ରୀୟ ସ୍ତରରେ ପଦାଧିକାରୀମାନଙ୍କ ମନୋନୟନ କରିବାର ମତ ନିର୍ବାଚନର ଫଳାଫଳ ସହିତ ଉପସ୍ଥିତ ଖଲିଫାଙ୍କୁ ଉପସ୍ଥାପିତ କରାଯାଇଥାଏ ଏବଂ ଉପସ୍ଥିତ ଖଲିଫାଙ୍କୁ ଏହି ଅଧିକାର ଦିଆଯାଇଛି ଯେ, ସେ ସର୍ବସମ୍ମତି କ୍ରମେ ଉପସ୍ଥାପିତ ହୋଇଥିବା ନାମକୁ ମନୋନୀତ କରନ୍ତୁ କିମ୍ବା କୌଣସି କମ୍ ସଂଖ୍ୟକ ଭୋଟ୍ ପାଇଥିବା ବ୍ୟକ୍ତିକୁ ମନୋନୀତ କରନ୍ତୁ । ବେଳେବେଳେ ସେହି ବ୍ୟକ୍ତି ସଂପର୍କରେ କେତେକ ତଥ୍ୟ ଏବଂ ଏପରି ପରିସ୍ଥିତି ସଂପର୍କରେ ମର୍କଜ୍ ଓ ଉପସ୍ଥିତ ଖଲିଫାଙ୍କୁ ଜ୍ଞାତ ହୋଇଥାଏ ଯାହାକି ଜଣେ ସାଧାରଣ ବ୍ୟକ୍ତିକୁ ଜ୍ଞାତ ହୋଇ ନଥାଏ । ସେ ଯାହା ହେଉ ଏହା ଜରୁରୀ ନୁହେଁ ଯେ, ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିବା ବ୍ୟକ୍ତିକୁ ହିଁ ନିର୍ବାଚିତ କରାଯାଉ ।

ସେହିପରି ଜାତୀୟ ସ୍ତରୀୟ ଜମାଅତ୍‌ମାନଙ୍କରେ ହେଉଥିବା ନିର୍ବାଚନ ରହିଛି। ତହିଁରେ ନିୟମାନୁଯାୟୀ କେତେକ ସ୍ୱୀକୃତି ସ୍ଥାନୀୟ ମର୍କଜୀ ବ୍ୟବସ୍ଥାପିକା ପ୍ରଦାନ କରିଦେଇଥାଏ ଏବଂ ଯଦି କୌଣସି ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ତେବେ ଉପସ୍ଥିତ ଖଲିଫାଙ୍କୁ ପଚାରି ନିଅନ୍ତି । ସେ ଯାହା ହେଉ ଏହି ପ୍ରୟାସ ରହିଥାଏ ଯେ, ଯଥାସମ୍ଭବ ଉତ୍ତମ କାର୍ଯ୍ୟ ସମ୍ପାଦନ କରୁଥିବା ପଦାଧିକାରୀମାନେ ମିଳି ଯାଆନ୍ତୁ । କିନ୍ତୁ କେତେକ ସ୍ଥଳରେ ଯେଭଳି ପ୍ରକାରର ଲୋକମାନେ ଉପଲବ୍ଧ ଥାଆନ୍ତି ତନ୍ମଧ୍ୟରୁ ହିଁ ନିର୍ବାଚିତ କରିବାକୁ ପଡ଼ିଥାଏ । କିନ୍ତୁ ଏଠାରେ ଚୟନକର୍ତ୍ତାଙ୍କୁ ମନେ ରଖିବା ଉଚିତ୍ ଯେ, ନ୍ୟାସର ନିଜ ସାମର୍ଥ୍ୟତା ଅନୁଯାୟୀ ସର୍ବୋତ୍କୃଷ୍ଟ ଢଙ୍ଗରେ କର୍ତ୍ତବ୍ୟ ସମ୍ପାଦନକାରୀ ଲୋକମାନେ ହିଁ ମନୋନୀତ ହୁଅନ୍ତୁ ଏବଂ କେବେ ବି କୌଣସି ଇଚ୍ଛା ବ୍ୟକ୍ତକାରୀଙ୍କୁ କିମ୍ବା ବନ୍ଧୁମାନଙ୍କ ଯୋଗୁଁ କିମ୍ବା ସଂପର୍କୀୟ ବା ଆତ୍ମୀୟ ସ୍ୱଜନ ଯୋଗୁଁ ସେମାନଙ୍କ ମୁହଁକୁ ଚାହିଁ ଭୋଟ ଦେବା ଅନୁଚିତ ଅଟେ। ଅର୍ଥାତ୍ ଅନେକ ଲୋକମାନେ ନିଜର ହାତ ଟେକିଛନ୍ତି ତେଣୁ ମୁଁ ବିଁ ସେହି ବ୍ୟକ୍ତିକୁ ସମର୍ଥନ ଜଣାଇବାକୁ ଯାଇ ନିଜର ହାତ ଟେକିଦେବି । ଏହା ଅଲ୍ଲାଃତାଲାଙ୍କ ଆଦେଶ ବିରୁଦ୍ଧୀୟ ଅଟେ ଏବଂ ଆଁହଜରତ ସ.ଅଙ୍କ କଥନ ବିରୁଦ୍ଧୀୟ ଅଟେ । ଅର୍ଥାତ୍ ଜମାଅତୀୟ କେନ୍ଦ୍ରୀୟ ବ୍ୟବସ୍ଥାର ନିର୍ବାଚନ ତ' ଚଳିତ ବର୍ଷ ହେବ ନାହିଁ, ହୋଇ ସାରିଛି । କିନ୍ତୁ ଅଧୀନସ୍ଥ ଗୋଷ୍ଠୀର ନିର୍ବାଚନ ହେବାକୁ ଅଛି । କେତେକ ସ୍ଥଳେ ଅନ୍‌ସାର, ଖୁଦ୍ଦାମ୍, ଲଜ୍‌ନା ଇତ୍ୟାଦି ଗୋଷ୍ଠୀଙ୍କ ସଦସ୍ୟମାନଙ୍କ ପକ୍ଷେ ଏହା ଉଚିତ୍ ହେବ ଯେ, ଯେଉଁ ବ୍ୟକ୍ତି ବି ମଜ୍‌ଲିସ୍ ନିର୍ବାଚନରେ ଛିଡ଼ା ହୁଅନ୍ତି ଏବଂ ଜୟଯୁକ୍ତ ହୁଅନ୍ତି ସେମାନେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ନିଜର ମତ ସାବ୍ୟସ୍ତର ଅଧିକାର ସମ୍ପାଦନ କରନ୍ତୁ ଏବଂ ଦୁଆ ପରେ ନ୍ୟାୟର ସହିତ୍ ନିଜ ଦୃଷ୍ଟିରେ ସର୍ବୋତ୍ତମ ବ୍ୟକ୍ତିଙ୍କ ସୁପାରିଶ ଉପସ୍ଥିତ ଖଲିଫାଙ୍କୁ ଉପସ୍ଥାପିତ କରନ୍ତୁ ।

ଆମେମାନେ ଯଦି ନ୍ୟାୟପ୍ରିୟ ହୋଇ ନିଜ ନିଜର ଦାୟିତ୍ୱକୁ ସଠିକ୍ ରୂପେ ସମ୍ପାଦନ ତଥା ନିର୍ବାହ କରୁ ତେବେ ଜମାଅତ୍‌ର ଉନ୍ନତିରେ ଆମେମାନେ ମୁଖ୍ୟ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଭୂମିକା ଗ୍ରହଣ କରିବୁ ଏବଂ ସକାରାତ୍ମକ ଭୂମିକା ନିର୍ବାହ କରିବୁ ଓ ଆମେମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇଯିବୁ । ହୁଜୁର ଅନୱର୍ ଅ.ବ କହିଲେ, ତତ୍‌ସହିତ ମୁଁ ପଦାଧିକାରୀମାନଙ୍କୁ ମଧ୍ୟ ସେମାନଙ୍କ ଦାୟିତ୍ୱାବଳୀ ପ୍ରତି ଦୃଷ୍ଟି ଆକର୍ଷଣ କରାଇ ଦେବାକୁ ଚାହୁଁଛି । ନିଃସନ୍ଦେହ ଜମାଅତୀୟ ପଦାଧିକାରୀମାନେ ମନୋନୀତ ହୋଇ ସାରିଛନ୍ତି । କିନ୍ତୁ ସେମାନଙ୍କୁ ସର୍ବଦା ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ ପ୍ରତି ଅବବୋଧ ହେବା ବିଧେୟ । ସର୍ବଦା ଏହି ଚିନ୍ତାଧାରା ମନ ଭିତରେ ପୋଷଣ କରିବା ଉଚିତ୍ ଯେ, ଅଲ୍ଲାଃତାଲା ଆମମାନଙ୍କୁ ସେବା କରିବା ନିମନ୍ତେ ସୁଯୋଗ ପ୍ରଦାନ କରିଛନ୍ତି ତେବେ ତାହାଙ୍କ କୃପାକୁ ପ୍ରାପ୍ତ କରିବା ନିମନ୍ତେ ଆମମାନଙ୍କୁ ପ୍ରତ୍ୟେକ ପ୍ରକାରର ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱ ହୋଇ ନିଜର କାର୍ଯ୍ୟକୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ନିମନ୍ତେ ସମ୍ପାଦନ କରିବା ଉଚିତ୍ ।

କେତେକ ପଦାଧିକାରୀଙ୍କ ସଂପର୍କରେ ଅଭିଯୋଗ ପ୍ରାପ୍ତ ହୋଇଥାଏ ଯେ, ସେମାନଙ୍କ ଆଚରଣ, ଉଚ୍ଚାରଣ ଓ ବ୍ୟବହାରରେ ବିନୀତତତା ଏବଂ ବିନମ୍ରତା ନାହିଁ । ସେମାନେ ଏପରି ଆଚରଣ ବା ବ୍ୟବହାରର ପରିପ୍ରକାଶ କରନ୍ତି ଯେପରକି ସେମାନେ ଉକ୍ତ ପଦବୀକୁ ପ୍ରାପ୍ତ କରିବା ପରେ କୌଣସି ଅସାଧାରଣ ବ୍ୟକ୍ତି ପାଲଟି ଯାଇଛନ୍ତି । ହୁଜୁର ଅନ୍‌ୱର ଅ.ବ କହିଲେ, ମୁଁ ଏହା କହୁ ନାହିଁ ଯେ, ସେମାନଙ୍କ ମଧ୍ୟରେ ଫିର୍‌ଔନ୍ ପରି ଆଚରଣ ସୃଷ୍ଟି ହୋଇଯାଇଛି । କିନ୍ତୁ ସେ ଯାହା ହେଉ ସେହି ପଦାଧିକାରୀମାନେ ନିଜକୁ ନିଜେ ବଡ଼ ବୋଲି ମନେକରିବାକୁ ଲାଗି ଯାଆନ୍ତି। ବିଶେଷ କରି ସେହି ଲୋକମାନେ ଯେଉଁ ଲୋକମାନଙ୍କର ନାମ ନାମାଙ୍କିତ କରାଯାଇଥାଏ ଏବଂ ସେମାନେ ୱାକ୍‌ଫେ ଜିନ୍ଦିଗୀ ମଧ୍ୟ ଅଟନ୍ତି । ସେମାନଙ୍କ ମଧ୍ୟରେ ଯଦି ଏକଥା ସୃଷ୍ଟି ହୋଇଯାଏ ତେବେ ତାହା ଅସହ୍ୟ କଥା ଅଟେ । କେତେକ ୱକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ)ଙ୍କୁ ଜେନେରାଲ୍ ସେକ୍ରେଟାରୀ ଯେତେବେଳେ କରାଯାଏ ସେତେବେଳେ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ମଧ୍ୟ ଆସିଥାଏ । ଅର୍ଥାତ୍ ଏହି ସେକ୍ରେଟାରୀମାନଙ୍କର ଆଚରଣ ଅତ୍ୟନ୍ତ ଅହଂକାରପୂର୍ଣ୍ଣ ଅଟେ । ଏମାନେ ସଲାମ୍‌ର ଉତ୍ତର ମଧ୍ୟ ପ୍ରଦାନ କରନ୍ତି ନାହିଁ । ଏହିପରି ଆଚରଣ ପ୍ରଦର୍ଶନକାରୀମାନେ ନିଜର ସଂଶୋଧନ ଏବଂ ସୁଧାର କରି ନିଅନ୍ତୁ । ଅଲ୍ଲଃତାଲା ଆପଣମାନଙ୍କୁ ସେବା କରିବାର ଯେଉଁ ସୁଯୋଗ ପ୍ରଦାନ କରିଛନ୍ତି ଆପଣମାନେ ଭୂପୃଷ୍ଠରେ ବିନୀତତାର ସହିତ ଚାଲନ୍ତୁ ଏବଂ ପ୍ରତ୍ୟେକ ଆବାଳ ବୃଦ୍ଧ ବନୀତାଙ୍କ ସହିତ ପ୍ରେମ ଓ ବୀନମ୍ରତାର ସହିତ ସାକ୍ଷାତ୍ କରନ୍ତୁ । ଆପଣଣାନଙ୍କୁ ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ସେବା କରିବା ନିମନ୍ତେ ନିଯୁକ୍ତ କରାଯାଇଛି ନା କି କୌଣସି ପ୍ରକାରର ଅଫିସରଗିରି ବା ରାଜକ୍ୟ ଯାକଜମକର ପ୍ରଭାବ ପକାଇବା ନିମନ୍ତେ ।

ପୁନଶ୍ଚ ଏପରି କେତେକ ପଦାଧିକାରୀମାନେ ମଧ୍ୟ ରହିଛି ଯେଉଁମାନେ ସଠିକ୍ ରୂପେ ନିଜର ଦାୟିତ୍ୱ ସମ୍ପାଦନ କରନ୍ତି ନାହିଁ । ଏଠାରେ ମୋ ପକ୍ଷରୁ ମଧ୍ୟ କେତେକ ପ୍ରସଙ୍ଗ ରିପୋର୍ଟ ନିମନ୍ତେ ପ୍ରେରଣ କରାଯାଇଥାଏ ତେବେ ସେହି ରିପୋର୍ଟଗୁଡ଼ିକ ଟେବୁଲ୍ ଡ୍ର ଭିତରେ ପଡ଼ି ରହିଥାଏ । ଯେପର୍ଯ୍ୟନ୍ତ ସେମାନଙ୍କୁ ମନେପକାଇ ଦିଆଯାଇ ନାହିଁ, ବାରମ୍ବାର ନପଚାରିଲେ ସେମାନେ 6 ମାସ କିମ୍ବା ବର୍ଷେ ପରେ କ୍ଷମାପତ୍ର ଲେଖି ଦିଅନ୍ତି ଯେ, ଆମ ଦ୍ୱାରା ଭୁଲ୍ ହୋଇଯାଇଛି । ଆମେମାନେ ଏହି ପତ୍ର ଉପରେ ଯଥା ସମୟରେ ଆକ୍ସନ୍ (କାର୍ଯ୍ୟାନୁଷ୍ଠାନ) ନେଇ ପାରିଲୁ ନାହିଁ । ହୁଜୁର ଅନୱର୍ ଅ.ବ କହିଲେ, ଯଦି ମର୍କଜର ପତ୍ର (ସର୍କୁଲର) ସହିତ, ଉପସ୍ଥିତ ଖଲିଫାଙ୍କ ପତ୍ର ସହିତ ଏମାନଙ୍କର ଏତାଦୃଶ ଆଚରଣ ରହିଛି ତେବେ ସାଧାରଣ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସହିତ ଏହି ପଦାଧିକାରୀମାନଙ୍କର କପିରି ସଂପର୍କ ଏବଂ ବ୍ୟବହାର ଥିବ ତାହା ସହଜେ ଅନୁମେୟ । ଏହି ଲୋକମାନଙ୍କୁ ନିଜର ସଂଶୋଧନ କରିବା ଉଚିତ୍ । ଅନ୍ୟଥା ସେମାନଙ୍କୁ ସେବାରୁ ନିବୃତ୍ତ କରିଦିଆଯିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପଦାଧିକାରୀମାନଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରତି ମଧ୍ୟ ଧ୍ୟାନ ଦେବାକୁ କହୁଛି । ପ୍ରଥମତଃ, ସେମାନେ ନିଜ ମଧ୍ୟରେ ବିନୀତତା, ବିନମ୍ରତା ସୃଷ୍ଟି କରନ୍ତୁ ଓ ସେମାନଙ୍କ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ ହୋଇଛି ତାହାକୁ ସଠିକ୍ ରୂପେ ସମ୍ପାଦନ କରିବା ପ୍ରତି ଉଦ୍ୟମ କରିବା ଉଚିତ୍ ।

ମସ୍ତିଷ୍କରେ ସର୍ବଦା ଏକଥା ରହୁ କି ଅଲ୍ଲାଃତାଲା ଆମ ଉପରେ ନିରୀକ୍ଷକ ଅଟନ୍ତି। ସେ ଆମମାନଙ୍କର ପ୍ରତ୍ୟେକ ଆଚରଣ ତଥା ଗତିବିଧିକୁ ଲକ୍ଷ୍ୟ କରୁଛନ୍ତି । କୌଣସି ପଦବୀ ପ୍ରାପ୍ତ ହେବା ପରେ ପ୍ରତ୍ୟେକ ପ୍ରକାରର ନିୟମ ତଥା କଟକଣାରୁ ଆପଣମାନେ ମୁକ୍ତ ହୋଇଯାଇ ନାହାନ୍ତି ବରଂ ଆମେମାନେ ଅଲ୍ଲାଃତାଲାଙ୍କ ଶାସ୍ତିରେ ଅଧୀନ ଅଧିକ ଭାବରେ ଆସିଯାଇଛେ । ଲୋକମାନେ ଆମମାନଙ୍କୁ ମନୋନୀତ କରିଛନ୍ତି, ଆମ ଉପରେ ଭରସା କରି ଉପସ୍ଥିତ ଖଲିଫା ଆମମାନଙ୍କୁ ଉକ୍ତ ସେବା ନିମନ୍ତେ ସ୍ୱୀକୃତି ପ୍ରଦାନ କରିଛନ୍ତି । ସେହି ଭରସାକୁ ବଳବତ୍ତର ରଖିବାର ଉଦ୍ୟମ କରିବା ଉଚିତ୍ ଏବଂ ନିଜର ସକଳ ସାମର୍ଥ୍ୟକୁ ବିନିଯୋଗ କରି ଉକ୍ତ ସେବାକୁ ଶୃଙ୍ଖଳିତ ଭାବରେ ସମ୍ପାଦନ କରିବା ଉଚିତ୍ । ଏହି ମାନସିକତା ଯଦି ହେବ ତେବେ ସଠିକ୍ କାର୍ଯ୍ୟ କରିବାର ସ୍ପୃହା ମଧ୍ୟ ସୃଷ୍ଟି ହେବ ଏବଂ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସହଯୋଗ ମଧ୍ୟ ରହିବ । ଅନେକ ପଦାଧିକାରୀମାନେ ଅଭିଯୋଗ କରନ୍ତି ଯେ, କେତେକ ବିଭାଗରେ ଜମାଅତ୍‌ର ସଦସ୍ୟବୃନ୍ଦ ସହଯୋଗ କରୁ ନାହାନ୍ତି। ଅତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ଏହି ଦାୟିତ୍ୱ ରହିଛି ଯେ, ସେମାନେ ଯେଉଁ ଲୋକମାନଙ୍କୁ ସେବା ନିମନ୍ତେ ମନୋନୀତ କରିଛନ୍ତି ସେମାନଙ୍କୁ ସହଯୋଗ ମଧ୍ୟ କରନ୍ତୁ । କିନ୍ତୁ ତତ୍‌ସହିତ ପଦାଧିକାରୀମାନଙ୍କର ମଧ୍ୟ ଏହି ଦାୟିତ୍ୱ ରହିଛି ଯେ, ସେମାନେ ନିଜର ସର୍ବୋତ୍ତମ ଉଦାହରଣ ଲୋକମାନଙ୍କ ଆଗରେ ଉପସ୍ଥାପିତ କରନ୍ତୁ । ବର୍ତ୍ତମାନ ଜଣେ ପଦାଧିକାରୀଙ୍କ ବିରୁଦ୍ଧରେ ଏହି ଅଭିଯୋଗ ପ୍ରାପ୍ତ ହୋଇଛି ଯେ, ସେ ନିଜର ଆୟ ଅନୁଯାୟୀ ସଠିକ୍ ଭାବରେ ଚାନ୍ଦା ଦେଉ ନାହାନ୍ତି ଓ ନା ହିଁ ସ୍ୱଳ୍ପ ଆୟ ଅଛି ବୋଲି କମ୍ ଚାନ୍ଦା ଦେବାର ଅନୁମତି ପ୍ରାପ୍ତ କରୁଛି । ହୁଜୁର ଅନୱର୍ ଅ.ବ କହିଲେ, ତେବେ ଏହିପରି ବ୍ୟକ୍ତି ଅନ୍ୟମାନଙ୍କ କିପରି ଉଦାହରଣ ଉପସ୍ଥାପିତ କରିପାରିବ ? ସେହି ପଦାଧିକାରୀ ଅନ୍ୟମାନଙ୍କୁ କିପରି କହିପାରିବ ଯେ, ଆପଣମାନେ ଆର୍ଥିକ ବଳିଦାନ ଦିଅନ୍ତୁ ? ସୁତରାଂ ନିଜ ନିଜ ଅବସ୍ଥାର ଆତ୍ମ ସମୀକ୍ଷା ଅବଶ୍ୟ କରନ୍ତୁ ।

ଯଦି ଜଣେ ତର୍ବିୟତ୍ ସଚିବ ସ୍ୱୟଂ ପାଞ୍ଚବେଳା ନମାଜ ପାଠ କରିବା ପ୍ରତି ଧ୍ୟାନ ଦେଉ ନାହିଁ ତେବେ ସେ ଅନ୍ୟମାନଙ୍କୁ କିପରି ନମାଜ ପାଠ କରିବା ପାଇଁ କହି ପାରିବ ଯେ, ନମାଜ ପାଠ କରନ୍ତୁ ? ସେହିପରି ଜଣେ ୱାକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଏବଂ ଜଣେ ମୁବଲ୍ଲିଗ୍ ସ୍ୱୟଂ ନମାଜ ପାଠ କରିବା ପ୍ରତି ଧ୍ୟାନ ଦେଉ ନାହିଁ ତେବେ ସେ କିପରି ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ କହିପାରିବ ଯେ, ନମାଜ ପାଠ ପଢ଼ିବା ପ୍ରତି ଧ୍ୟାନ ଦିଅନ୍ତୁ ? ହ. ମସିହ୍ ମଉଦ୍ ଅ.ସ ଏଥିପ୍ରତି ଆମମାନଙ୍କର ଧ୍ୟାନ ଆକର୍ଷଣ କରିଛନ୍ତି ଯେ, ଜଣେ ଅଣଅହେମଦି ମୌଲବୀ ଯିଏ ଉପଦେଶ ଦିଏ। କିନ୍ତୁ ତା'ର କର୍ମ ତା'ର ଉପଦେଶ ଅନୁଯାୟୀ ଯଦି ନୁହେଁ ତାହାହେଲେ ତା' କଥାର କୌଣସି ପ୍ରଭାବ ଲୋକମାନଙ୍କ ଉପରେ ପଡ଼ି ନଥାଏ ।

**(ମଲ୍‌ଫୁଜାତ୍, ଭାଗ-1, ପୃ-67, ପ୍ରକାଶନ ବର୍ଷ-1984 ମସିହାରୁ ଉଦ୍ଧୃତ)**

ହୁଜୁର ଅନୱର୍ ଅ.ବ କହିଲେ ସୁତରାଂ ଆମମାନଙ୍କ ନିମନ୍ତେ ପ୍ରତ୍ୟେକ ମୁହୂର୍ତ୍ତ ଅତ୍ୟନ୍ତ ଚିନ୍ତାର ସହିତ ଅତିବାହିତ କରିବାର ଆବଶ୍ୟକତା ରହିଛି । ପ୍ରତ୍ୟେକ ପାଦ ଅତି ସତର୍କତାର ସହିତ ପକାଇବାର ଆବଶ୍ୟକତା ରହିଛି । ଯେତେବେଳେ ଏପରି ହେବ ସେତେବେଳେ ଆମେମାନେ ନିଜର ଅମାନତ (ନ୍ୟାସ ବା ସନ୍ତକ)ର ଅଧିକାର ସାବ୍ୟସ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହେବୁ । ତର୍ବିୟତ୍‌ର ସେକ୍ରେଟାରୀମାନେ ଯଦି ନିଜର ଉଦାହରଣ ସ୍ଥାପନ କରି ପ୍ରେମ ଓ ଆନ୍ତରୀକତାର ସହିତ ଜମାଅତ୍‌ର ତର୍ବିୟତ୍ (ସଂସ୍କାର) କରନ୍ତି ତେବେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ମଧ୍ୟରେ ଏକ ଅଭୂତପୂର୍ବ ବିପ୍ଳବ ସୃଷ୍ଟି ହୋଇପାରିବ ।

ପ୍ରତ୍ୟେକ ପଦାଧିକାରୀଙ୍କୁ ନିଜ ବିଭାଗର କଲ୍ୟାଣ ଏବଂ ଉନ୍ନତି ନିମନ୍ତେ ଅନ୍ତତଃ ଦୈନିକ ଦୁଇ ରେକାତ୍ ନଫିଲ୍ ନମାଜ ମଧ୍ୟ ପାଠ କରିବାର ଆବଶ୍ୟକତା ରହିଛି। କାରଣ ଅଲ୍ଲାଃତାଲା କଲ୍ୟାଣ ପ୍ରଦାନ କରନ୍ତୁ । ଯଦି ତର୍ବିୟତ୍‌ର ବିଭାଗ ସକ୍ରିୟ ହୋଇଯାଏ ତେବେ ଅନ୍ୟ ସମସ୍ତ ବିଭାଗ ମଧ୍ୟ ସ୍ୱତଃସ୍ଫୁର୍ତ୍ତ (ଆପେଆପେ) ମୋ ଆକଳନରେ ଅନ୍ତତଃ 70 ପ୍ରତିଶତ ପର୍ଯ୍ୟନ୍ତ ଉତ୍ତମ ଢଙ୍ଗରେ କାର୍ଯ୍ୟ କରିବା ଆରମ୍ଭ କରିଦେବ ।

ସୁତରାଂ ଏକଥା ସର୍ବଦା ମନେରଖିବା ଉଚିତ୍ ଯେ, ପଦାଧିକାରୀମାନେ ନିଜର ଉଦାହରଣ ପ୍ରଥମେ ସ୍ଥାପନ କରନ୍ତୁ ଏବଂ ବିଶେଷ କରି ଜମାଅତ୍‌ର ଉମରା (ଅମୀରମାନେ)ମାନେ, ଜମାଅତ୍‌ର ସଦର୍ ଏବଂ ବିଶେଷ କରି ତର୍ବିୟତ୍‌ର ସେକ୍ରେଟାରୀ, ଅନ୍ୟମାନେ ମଧ୍ୟ କରିବା ଉଚିତ୍ । ଏହା ନୁହେଁ ଯେ, ଅନ୍ୟମାନେ ଯଦି ନ ବି କରନ୍ତି ତେବେ କୌଣସି ଫରକ୍ (ଅସୁବିଧା) ପଡ଼ୁ ନାହିଁ । ହୁଜୁର ଅନ୍‌ୱର ଅ.ବ କହିଲେ, ପଦାଧିକାରୀମାନଙ୍କୁ ମୋର ବିଶେଷ ରୂପେ ଧ୍ୟାନ ଆକର୍ଷଣ କରିବାର ଅର୍ଥ ଏହା କଦାପି ନୁହେଁ ଯେ, ଅନ୍ୟମାନେ ଉଦାହରଣ ସ୍ଥାପନ ନକରନ୍ତି ତେବେ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ । ପ୍ରତ୍ୟେକ ପଦାଧିକାରୀକୁ ଆଦର୍ଶବାନ୍ ହେବାକୁ ପଡ଼ିବ, ତେବେ ଯାଇ ଜମାଅତୀୟ ଉନ୍ନତି ସଠିକ୍ ଭାବରେ ହେବ । ଯଦି

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲ୍‌ଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲ୍‌ଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ନିଜର ଉଦାହରଣ ପ୍ରଦର୍ଶନ ନକରନ୍ତି ତେବେ ଏହାର ଅର୍ଥ ଏହା ନୁହେଁ ଯେ, କୌଣସି ଫରକ୍ ବା ଅସୁବିଧା ପଡ଼ିବ ନାହିଁ । ନା ବରଂ ବହୁତ ଫରକ୍ ପଡ଼ିଥାଏ । ଅର୍ଥାତ୍ ପ୍ରତ୍ୟେକ ପଦାଧିକାରୀର କର୍ମର ପ୍ରଭାବ ପଡ଼ିଥାଏ । ଯଦି ସେକ୍ରେଟାରୀ ମାଲ୍ (ଅର୍ଥ ସଚିବ) ସ୍ୱୟଂ ଚାନ୍ଦା ସତର୍କତାର ସହିତ ପୈଠ କରୁ ନାହାନ୍ତି ତେବେ ଅନ୍ୟମାନଙ୍କୁ କିପରି କହିବେ ଯେ, ଚାନ୍ଦା ପୈଠ କରନ୍ତୁ ? ଯେପରିକି ମୁଁ କହିଲି ଓ ପୁନଶ୍ଚ ସେହି ସେକ୍ରେଟାରୀ ମାଲ୍‌ଙ୍କ କହିବାରେ କ'ଣଟା କଲ୍ୟାଣ ହେବ ? ଯଦି ସେକ୍ରେଟାରୀ ତବ୍‌ଲିଗ୍ ତବଲିଗ୍‌ର ଅଧିକାର ସମ୍ପାଦନ କରୁ ନାହିଁ ତେବେ ସେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ କିପରି କହିପାରିବ ଯେ, ସେମାନେ ତବ୍‌ଲିଗ୍ କରନ୍ତୁ ଏବଂ ତବ୍‌ଲିଗ୍ ପାଇଁ ସକ୍ରିୟ ହୁଅନ୍ତୁ ? ସୁତରାଂ ଏହିପରି ଭାବରେ ଅଧୀନସ୍ଥ ଗୋଷ୍ଠୀମାନଙ୍କର ସଦରମାନଙ୍କର ପଦବୀଗୁଡ଼ିକ ରହିଛି ଏବଂ ଆମେଲାର ଅନ୍ୟାନ୍ୟ ସଦସ୍ୟଙ୍କର ପ୍ରମୁଖ ପଦବୀଗୁଡ଼ିକ ରହିଛି । ଅଧୀନସ୍ଥ ଗୋଷ୍ଠୀମାନଙ୍କ ମଧ୍ୟରେ ବି ପ୍ରତ୍ୟେକ ସ୍ତରରେ ନିଜକୁ ସକ୍ରିୟ କରିବାକୁ ହେବ ।

କେତେକ ସ୍ଥାନରେ ସଦର୍ ଲଜ୍‌ନା ବିରୁଦ୍ଧରେ ଅଭିଯୋଗ ଆସୁଛି ଯେ, ସେମାନଙ୍କର ବ୍ୟବହାର ଆଦୌ ଠିକ୍ ନୁହେଁ । କେତେକ ସଦର୍ ଲଜ୍‌ନାଙ୍କ ବ୍ୟବହାର ନବଦୀକ୍ଷିତଙ୍କ ପ୍ରତି ଆଦୌ ଠିକ୍ ନୁହେଁ । ସେମାନେ ନବଦୀକ୍ଷିତଙ୍କୁ ଟାଣିବା ବଦଳରେ ସେମାନଙ୍କୁ ଦୌଡ଼ାଇବାର କାରଣ ହେଉଛନ୍ତି । ସେହି ନବଦୀକ୍ଷିତଙ୍କୁ ଅତ୍ୟନ୍ତ ଭୁଲ ଶୈଳୀରେ କୁହାଯାଇଥାଏ ଯେ, ଆମେମାନେ ତୁମମାନଙ୍କର ସଂଶୋଧନ କରିବୁ। କିନ୍ତୁ ମୋ (ହୁଜୁର୍ ଅନୱର୍ ଅ.ବ) ନିକଟରେ ସ୍ୱୟଂ ଏପରି ସଦର୍ ଲଜ୍‌ନାଙ୍କର ସଂଶୋଧନ ହେବା ଉଚିତ୍ । ଏହା ଏଇଥିପାଇଁ ହୋଇଥାଏ ଯେ, କେତେକ ଲୋକମାନଙ୍କ ନିକଟରେ ପଦ ସବୁବେଳେ ରହିଥାଏ । ଲଜ୍‌ନାର ସଦସ୍ୟାମାନେ ମଧ୍ୟ ଦେଖନ୍ତି ନାହିଁ ଯେ, କିଏ ଯୋଗ୍ୟ ଓ କିଏ ଅଯୋଗ୍ୟ! ଯଦ୍ଦ୍ୱାରାକି ବିଶୃଙ୍ଖଳା ଏବଂ ତ୍ରୁଟି ସୃଷ୍ଟି ହୋଇଥାଏ । ପୁନଶ୍ଚ ଅଭିଯୋଗ ଆସିଥାଏ ଏବଂ ଯେତେବେଳେ ତ୍ରୁଟି ଏବଂ ବିଶୃଙ୍ଖଳା ସୃଷ୍ଟି ହୁଏ ସେତେବେଳେ ଲୋକମାନଙ୍କ ବିଶ୍ୱାସ ଆହତ ହୋଇଥାଏ। ଯଦି ମନୋନୀତକାରୀଣୀ ଲଜ୍‌ନାର ସଦସ୍ୟାମାନେ ସ୍ୱୟଂ ନିଜର ମତ ନ୍ୟାୟପ୍ରିୟ ଭାବରେ ଏବଂ ଅଲ୍ଲାଃତାଲାଙ୍କ ଭୟ ନିଜ ମନ ଭିତରେ ରଖି ସାବ୍ୟସ୍ତ କରୁ ନାହାନ୍ତି ତେବେ ସେପରିପ୍ରେକ୍ଷୀରେ ଅଭିଯୋଗ ମଧ୍ୟ ହେବା ଅନୁଚିତ୍ ଅଟେ। ସୁତରାଂ ନିର୍ବାଚନ ସମୟରେ ଅମାନତ୍‌ର (ନ୍ୟାସର) ଅଧିକାରୀଣୀ ମହିଳାଙ୍କୁ ମନୋନୀତ କରନ୍ତୁ ତେବେ ଯାଇ ଅଭିଯୋଗ ସମାପ୍ତ ହୋଇଯିବ । ଅନ୍ୟଥା ଆମାନେ ନିଜର ସଂଶୋଧନ କରିପାରିବୁ ନାହିଁ ।

ପଦାଧିକାରୀମାନଙ୍କୁ ମୁଁ ଏହା ମଧ୍ୟ କହିଦେବାକୁ ଚାହୁଁଉଛି ଯେ, ସେମାନେ ଷ୍ଟେଜ୍ ଉପରେ ବସିବା ନିମନ୍ତେ ନିଯୁକ୍ତ ହୋଇ ନାହାନ୍ତି । ବରଂ ପ୍ରତ୍ୟେକ ପଦାଧିକାରୀଙ୍କୁ ନିଜ ନିଜର ଡିଉଟିକୁ ଜଣେ ସାଧାରଣ ସଦସ୍ୟା ଭାବରେ ହୋଇ ସମ୍ପାଦନ କରିବା ଉଚିତ୍ । ଜଣେ ନବଦୀକ୍ଷିତା ମହିଳା ଯେକି ଜଲ୍‌ସା ଅବସରରେ ବାହାରୁ ଆସିଥିଲେ ସେ ମୋତେ କହିଲେ, ଏହି ଜଲ୍‌ସାରେ ମୋତେ ଗୋଟିଏ କଥା ବହୁତ ପ୍ରଭାବିତ କରିଛି । ମୁଁ ଦେଖିଲି ଯେ, ସଦର୍ ଲଜନା ଶୃଙ୍ଖଳିତ ଏବଂ ନିୟମାନୁବର୍ତ୍ତୀ ହୋଇ ଡିଉଟି ଦେଉଥିବା କନ୍ୟାମାନଙ୍କ ସହିତ ଡିଉଟି ଦେଉଥିଲେ । ସେ ଯାହା ହେଉ ନା କାହିଁକି ଏହା ତ' ସେହି ସଦର୍ ଲଜ୍‌ନାଙ୍କ କର୍ତ୍ତବ୍ୟ ଥିଲା । ଏ କୌଣସି ସାଧାରଣ କର୍ଯ୍ୟ ନୁହେଁ ଯାହାକୁ ସେ ସମ୍ପାଦନ କରିଛନ୍ତି । ତେଣୁ ସଦର୍ ଲଜ୍‌ନା ଯଦି ଡିଉଟି ନଦିଅନ୍ତି ଏବଂ ପ୍ରତ୍ୟେକ ସ୍ଥାନରେ ବସି ନିରୀକ୍ଷଣ କରନ୍ତି । ତାହାହେଲେ ସେ ଦୋଷୀ ଅଟନ୍ତି । ତେଣୁ ସଦର୍ ଯଦି ଏହିପରି ଡିଉଟି ନଦିଏ କିମ୍ବା ଚେକ୍ ନକରନ୍ତି ତେବେ ସେମାନେ ନିଜ ଅମାନତ୍‌ର ସଠିକ୍ ଭାବରେ ଅଧିକାର ସମ୍ପାଦନ କରୁ ନାହାନ୍ତି । କିନ୍ତୁ ସେ ଯାହା ହେଉ ନା କାହିଁକି ଯେଉଁମାନେ ନିଜ ଅମାନତ୍‌ର ଅଧିକାର ସମ୍ପାଦନକାରୀ ପଦାଧିକାରୀମାନେ ଅଟନ୍ତି ସେମାନେ ଅନ୍ୟମାନଙ୍କର ସଂଶୋଧନ ଏବଂ ସୁଧାରର କାରଣ ହୋଇ ଥାଆନ୍ତି ଏବଂ ଲଜ୍‌ନାରେ ଏମାନେ ଅନ୍ୟମାନଙ୍କ ସୁଧାରକର କାରଣ ହୋଇ ଥାଆନ୍ତି । ଅତଏବ୍ ଏହି ମାନସିକତା ଯାହାକି ଆମମାନଙ୍କର ପଦାଧିକାରୀମାନଙ୍କ ମଧ୍ୟରେ ହେବା ଉଚିତ୍ । ଅର୍ଥାତ୍ ସେବା କରିବାର ମନୋବୃତ୍ତି। କାରଣ ଜାତିର ଅଧିପତି ହିଁ ଜାତିର ସେବକ ଅଟେ। ଏହା ହେଉଛି ଆଁହଜରତ ସ.ଅଙ୍କ ଆଦେଶାବଳୀ ।

ସେହିପରି ସାଧାରଣ ପରିସ୍ଥିତିରେ ମଧ୍ୟ ପ୍ରତ୍ୟେକ ପଦାଧିକୀରମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ଜମାଅତ୍‌ର ସଦ୍ୟସବୃନ୍ଦଙ୍କ ସହିତ୍ ବ୍ୟକ୍ତିଗତ ସଂପର୍କ ରଖି ସେହି ବ୍ୟକ୍ତିଗତ ସଂପର୍କକୁ ବୃଦ୍ଧି କରନ୍ତୁ । ସେମାନେଙ୍କ ସୁଖ ଦୁଃଖରେ ସାମିଲ୍ ହୁଅନ୍ତୁ । ପ୍ରତ୍ୟେକ ସଦସ୍ୟବୃନ୍ଦଙ୍କ ମଧ୍ୟରେ ଏହି ମନୋଭାବ ସୃଷ୍ଟି କରନ୍ତୁ ଯେ, ଜମାଅତ୍‌ର ବ୍ୟବସ୍ଥା ତ' ପରସ୍ପର ସହିତ ସହାନୁଭୂତିର ଆବେଗ ସୃଷ୍ଟି କରିବା ନିମନ୍ତେ ଏବଂ ପରସ୍ପରକ ଯତ୍ନ ନେବା ନିମନ୍ତେ ତିଆରି କେରାଯାଇଛି । ନା କି କୌଣସି ଅଫିସରଗିରି କିମ୍ବା କୌଣସି ପଦାଧିକାରୀର ଅଧୀନସ୍ଥ ନିମନ୍ତେ ଜମାଅତର ବ୍ୟବସ୍ଥା ତିଆରି କରାଯାଇଛି । କହିବାର ତାତ୍ପର୍ଯ୍ୟ ଏହିକିଯେ, ଜମାଅତ୍ ବ୍ୟବସ୍ଥାରେ କେହି ଅଫିସର କିମ୍ବା ଅଧୀନସ୍ଥ କର୍ମଚାରୀ କିମ୍ବା କେହି ବଡ଼ ଓ କେହି ସାନ ନୁହନ୍ତି । ସମସ୍ତେ ସମାନ ଅଟନ୍ତି ଏବଂ ସମସ୍ତେ ପରସ୍ପରର ଯତ୍ନ ନେବା ଉଚିତ୍।

ଆମେମାନେ ସମସ୍ତେ ଏକ ଅଟୁ, ସମସ୍ତେ ଭାଇ ଭାଇ ଅଟୁ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ମିଶନକୁ ପୂର୍ଣ୍ଣ କରିବା ନିମନ୍ତେ ନିଜ ନିଜ ସାମର୍ଥ୍ୟାନୁଯାୟୀ ପ୍ରଚେଷ୍ଟା କରିବା ଉଚିତ୍ । ଏହି ମାନସିକତା ହିଁ ଜମାଅତ୍‌କୁ ଏକ ସୁନ୍ଦର ବ୍ୟବସ୍ଥାରେ ଗଢି ତୋଳିବାରେ ସହାୟକ ହେବ । ଏହି ଚିନ୍ତାଧାରା ହିଁ ଆମମାନଙ୍କୁ ଅଲ୍ଲାଃତାଲାଙ୍କର ସମୀପବର୍ତ୍ତୀ କରାଇଥାଏ । ପୁନଶ୍ଚ ଏପରି ମାନସିକତା ରଖୁ ନଥିବା ବ୍ୟକ୍ତିମାନେ ଏବଂ ଜମାଅତ୍ ବ୍ୟବସ୍ଥାର ବିରୁଦ୍ଧାଚରଣ କରିବା ଦ୍ୱାରା ଆମେମାନେ ପ୍ରଭୁଙ୍କ କୋପ ମଧ୍ୟ କ୍ରୟ କରିନେବୁ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ମାଆକଲ୍ ବିନ୍ ଯସାର୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଆଁହଜରତ ସ.ଅଙ୍କୁ ଏହା କହୁଥିବାର ଶୁଣିଲି, "ଅଲ୍ଲାଃତାଲା ଯେଉଁ ବ୍ୟକ୍ତିକୁ ଲୋକମାନଙ୍କର ନିରୀକ୍ଷିକ ଏବଂ ଦାୟିତ୍ୱବାନ୍ କରନ୍ତି, ସେ ଯଦି ଲୋକମାନଙ୍କର ଯତ୍ନ ନେବାରେ, ନିଜ ଦାୟିତ୍ୱ ତୁଲାଇବାରେ ଏବଂ ଲୋକମାନଙ୍କର ହିତ ସାଧାନ କରିବାରେ ଅବହେଳା ପ୍ରଦର୍ଶନ କରେ ତେବେ ସେହି ବ୍ୟକ୍ତିର ମୃତ୍ୟୁ ପରେ ଅଲ୍ଲାଃତାଲା ସେହି ବ୍ୟକ୍ତି ପାଇଁ ବୈକୁଣ୍ଠକୁ ଅବୈଧ କରିଦେବେ ଏବଂ ସେହି ବ୍ୟକ୍ତିକୁ ବୈକୁଣ୍ଠ ପ୍ରାପ୍ତି ହେବ ନାହିଁ ।" ଏକଥା ଅତ୍ୟନ୍ତ ଭୟପ୍ରଦ ଅବସ୍ଥା ଏବଂ ଚିନ୍ତାଜନକ ବିଷୟ ଅଟେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଇହ୍‌କାମ୍, ବାବ୍ ମନ୍ ଇସ୍ତର୍ଆ ରଇୟତା ଫଲମ୍ ୟୁନ୍‌ସହ୍, ହଦିସ୍ ନଂ-7150-7151)**

ପୁନଶ୍ଚ ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ କହିଲେ, ତୁମେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ନିରୀକ୍ଷକ ଅଟେ ଏବଂ ନିଜର ପ୍ରଜାମାନଙ୍କ ସଂପର୍କରେ ତା'କୁ ପ୍ରଶ୍ନ ପଚରାଯିବ । ଏହା ଏକ ଦୀର୍ଘ ବର୍ଣ୍ଣନା ଅଟେ । ଅନ୍ୟ ସ୍ଥାନରେ ନିରୀକ୍ଷକମାଙ୍କର ମଧ୍ୟ ଚର୍ଚ୍ଚା ରହିଛି । କିନ୍ତୁ ଯେଉଁ ହଦିସ୍‌ଗୁଡ଼ିକ ତତ୍‌ସଂପର୍କିତ ଅଟନ୍ତି ତାହାକୁ ମୁଁ ପାଠ କରିଦେଉଛି । ହୁଜୁର ସ.ଅ କହିଲେ, ଅମୀର୍ ମଧ୍ୟ ନିରୀକ୍ଷକ ଅଟେ। **(ସହିହୁଲ୍ ବୁଖାରୀ, କିତାବୁଲ୍ ଇହକାମ୍, ବାବ୍, କୌଲଲ୍ଲାଃହୁ ତାଆଲା, ଅତିଉଲ୍ଲାଃ ୱ ଅତିଉର୍ ରସୁଲା..........ଶେଷ ପର୍ଯ୍ୟନ୍ତ, ହଦିସ୍ ନଂ-7138)**

ଅର୍ଥାତ୍ ପଦାଧିକାରୀମାନେ ମଧ୍ୟ ନିରୀକ୍ଷକ ଅଟନ୍ତି । ତହିଁରେ ପଦାଧିକାରୀମାନେ ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି । କାରଣ ସେମାନେ ନିରୀକ୍ଷକ ଅଟନ୍ତି । ତେଣୁ ପ୍ରତ୍ୟେକ (ପଦାଧିକାରୀ)ଙ୍କୁ ସେମାନଙ୍କ ପ୍ରଜା ସଂପର୍କରେ ପ୍ରଶ୍ନ କରାଯିବ । ପ୍ରଜାରୁ ଯଥାର୍ଥ ସେହି ଲୋକମାନେ ନୁହନ୍ତି ଯେଉଁମାନଙ୍କ ଉପରେ ଶାସନ କାରଯାଏ । ବରଂ ପ୍ରଜା କହିଲେ ସେହିମାନଙ୍କୁ ବୁଝାଏ ଯେଉଁମାନଙ୍କୁ ସାହାଯ୍ୟ କରିବା, ସେମାନଙ୍କର ସଂଶୋଧନ, ସୁଧାର ଏବଂ ସେମାନଙ୍କର ଉନ୍ନତିର ଦାୟିତ୍ୱ ନିରୀକ୍ଷକ ଉପରେ ନ୍ୟସ୍ତ ହୋଇଥାଏ ।

ସୁତରାଂ ଉକ୍ତ ହଦିସ୍‌ରେ ଉଦାହରଣ ଦିଆଯାଇଛି ଯେ, ସ୍ୱାମୀ ନିଜ ଘରର ନିରୀକ୍ଷକ (କର୍ତ୍ତଧର୍ତ୍ତା/ମୁରବୀ) ଅଟେ । ପତ୍ନୀ ନିଜ ସନ୍ତାନଙ୍କ ଉପରେ ନିରୀକ୍ଷକ ଅଟେ । ସ୍ୱାମୀ ପତ୍ନୀ ଉପରେ ଏବଂ ପତ୍ନୀ ସ୍ୱାମୀ ଉପରେ ଶାସନ କରିବା ନିମନ୍ତେ ନିଯୁକ୍ତ ହୋଇ ନାହାନ୍ତି ବରଂ ସଂସ୍କାର ନିମନ୍ତେ, ସେମାନଙ୍କର ଉନ୍ନତି ନିମନ୍ତେ, ଯୋଜନା ପ୍ରସ୍ତୁତ ନିମନ୍ତେ ସେମାନଙ୍କର ଆବଶ୍ୟକତା ପରିପୂରଣ ନିମନ୍ତେ ନିରୀକ୍ଷକ ଅଟେ । ତେଣୁ ଯଦି ଉକ୍ତ ଦାୟିତ୍ୱ ଯଦି ସ୍ୱାମୀ ଏବଂ ସ୍ତ୍ରୀ କରୁ ନାହିଁ ତେବେ ଆଁହଜରତ ସ.ଅଙ୍କ ମୁଖ ନିସୃତ ବାଣୀ ଅନୁଯାୟୀ ବୈକୁଣ୍ଠ ସେମାନଙ୍କ ଉପରେ ଅବୈଧ ହୋଇଯାଇଥାଏ । ତେଣୁ ଯେଉଁ ଲୋକମାନେ ନିରୀକ୍ଷକ ହୋଇଛନ୍ତି, ପଦାଧିକାରୀ ହୋଇଛନ୍ତି ସେମାନେ ଯଦି ସଠିକ୍ ଭାବରେ ନିଜ ନିଜର କର୍ତ୍ତବ୍ୟ ତଥା ଦାୟିତ୍ୱ ସମ୍ପାଦନ କରୁ ନାହାନ୍ତି ଏବଂ ନିଜ ଅଞ୍ଚଳରେ କେବଳ ଉପସ୍ଥିତ ଖଲିଫାଙ୍କ ପ୍ରତିନିଧି, ନାମକୁ ମାତ୍ର ପ୍ରତିନିଧି ହୋଇ ବସିଛନ୍ତି ତେବେ ସେମାନେ ଉପସ୍ଥିତ ଖଲିଫାଙ୍କୁ ବଦ୍‌ନାମ କରୁଛନ୍ତି ଏବଂ ଉପସ୍ଥିତ ଖଲଫାଙ୍କୁ ମଧ୍ୟ ସେମାନେ ଦୋଷୀ ସାବ୍ୟସ୍ତ କରୁଛନ୍ତି ।

ଯେପରିକି ମୁଁ ଉଦାହରଣ ଦେଇଥିଲି ଯେ, ପଦାଧିକାରୀମାନେ ନିୟମିତ ମାସିକ ରିପୋର୍ଟ ପ୍ରଦାନ କରୁ ନାହାନ୍ତି । ବର୍ତ୍ତମାନ ଏପରି ଲୋକମାନଙ୍କ ସଂପର୍କରେ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ମୋ ନିକଟରେ ଏହା ବ୍ୟତୀତ ଆଉ କୌଣସି ସମାଧାନ ନାହିଁ ଯେ, ସେମାନଙ୍କୁ ବହିଷ୍କାର ବା ସେବା ନିବୃତ୍ତ କରିଦାଯାଉ । କାରଣ ବାସ୍ତବରେ ସେମାନେ ନିଜର ସଂଶୋଧନ ଏବଂ ତ୍ରୁଟି ମାର୍ଜନା କରନ୍ତି ନାହିଁ ବୋଲି ସେମାନଙ୍କୁ ସେବା ନିବୃତ୍ତ କରିଦିଆଯିବା ଉଚିତ୍ । ମୁଁ ସେମାନଙ୍କ ପାପର ଭାଗୀଦାର ହେବି ନାହିଁ । ମୁଁ ମଧ୍ୟ ଅଲ୍ଲାଃତାଲାଙ୍କ ନିକଟରେ କ୍ଷମାମାର୍ଜନା କରୁଛି । ଏହି ଲୋକମାନେ ଇସ୍ତିଗଫାର୍ (କ୍ଷମା ଯାଚନା) କରନ୍ତୁ ଏବଂ ନିଜର ସଂଶୋଧନ କରନ୍ତୁ । ଅଲ୍ଲାଃତାଲା କରନ୍ତୁ କି ଖିଲାଫତେ ଅହେମଦିୟା କୁ ଏହିପରି ସହାୟକ ସୈନ୍ୟ ପ୍ରଦାନ କରନ୍ତୁ ଯିଏ ନିଜର କର୍ତ୍ତବ୍ୟକୁ ବୁଝି ନିଜର କାର୍ଯ୍ୟ ସମ୍ପାଦନ କରନ୍ତୁ । ନା କି କେବଳ ପଦ ପ୍ରାପ୍ତି ନିମନ୍ତେ ପଦର ଦାୟିତ୍ୱ ସମ୍ଭାଳିବେ ।

ଏକଥା ଧ୍ୟାନଯୋଗ୍ୟ ଯେ, ଆଁହଜରତ ସ.ଅ ଯାହା ସଂପର୍କରେ ଏହି ଆଦେଶ ଦେଇଛନ୍ତି ଯେ, ଯେଉଁ ବ୍ୟକ୍ତି ମୁସଲମାନମାନଙ୍କର ସାମୂହିକ ପ୍ରସଙ୍ଗର ଦାୟିତ୍ୱ ବହନକାରୀ ସେ ଯେପର୍ଯ୍ୟନ୍ତ ଲୋକମାନଙ୍କର ଆବଶ୍ୟକତାକୁ ପୂରଣ କରିଦେଇ ନାହିଁ ସେପର୍ଯ୍ୟନ୍ତ ଅଲ୍ଲାଃତାଲା ସେହି ବ୍ୟକ୍ତିର ଆବଶ୍ୟକତା, ଅଭାବ, ଅସୁବିଧା ଏବଂ ଅଭିପ୍ରାୟକୁ ପୂରଣ କରିବେ ନାହିଁ ।

ସୁତରାଂ ଉପସ୍ଥିତ ଖଲିଫାଙ୍କର ଯେଉଁଠି ଏହି ଦାୟିତ୍ୱ ରହିଛି ସେଠାରେ ସେହି ସମସ୍ତ ପଦାଧିକାରୀମାନଙ୍କୁ ମଧ୍ୟ ଯେଉଁମାନେ ଉପସ୍ଥିତ ଖଲିଫାଙ୍କର ନିଜ ଜ ଜମାଅତ୍‌ରେ ପ୍ରତିନିଧି ଅଟନ୍ତି ଏବଂ ପଦାଧିକାରୀମାନଙ୍କ ଉପରେ ଏହି ଗୁରୁ ଦାୟିତ୍ୱଟି ନ୍ୟସ୍ତ ହୋଇଛି । କେବଳ ଆମିଲାର ଇଜ୍‌ଲାସମାନଙ୍କରେ ନିଜର ମତ ଏବଂ ପରାମର୍ଶ ପ୍ରଦାନ କରି, ମିଟିଂରେ ସାମିଲ୍ ହୋଇ ଏହା ଭାବି ନେବା ଯେ, ଆମେମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଦେଇଛୁ ଏହା ଯଥେଷ୍ଟ ନୁହେଁ । ଲୋକମାନଙ୍କ ଉନ୍ନତି, କଲ୍ୟାଣ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଏବଂ ପୁନଶ୍ଚ ଏହାକୁ କାର୍ଯ୍ୟକାରୀ କରିବା ମଧ୍ୟ ନିତାନ୍ତ ଜରୁରୀ ଅଟେ । ଆମମାନଙ୍କ ନିକଟରେ ଯେଉଁ ସାଧନ ରହିଛି ସେହି ସାଧନ ମଧ୍ୟରେ ସୀମିତ ରହିତ ଲୋକମାନଙ୍କର ଆବଶ୍ୟକତାକୁ ପୂରଣ କରିବାର ଯେଉଁ ଉତ୍ତମ ସମାଧାନ ହୋଇ ପାରିବ ତାହା ବାହାର କରିବା ଉଚିତ୍ । ଏଥିପାଇଁ ସାଂସାରିକ ଆବଶ୍ୟକତା ପୂରଣ କରିବା ନିମନ୍ତେ ଉମୁରେ ଆମ୍ମା ବିଭାଗ ମଧ୍ୟ ରହିଛି ଏବଂ କଳା ଓ ବ୍ୟାପାର ବିଭାଗ ରହିଛି। ସେହିପରି ଅଧୀନସ୍ଥ ଗୋଷ୍ଠୀମାନଙ୍କୁ ଏଥି ନିମନ୍ତେ ସକ୍ରିୟ ଭୂମିକା ନିର୍ବାହ କରିବା ଉଚିତ୍ । ନିଃସନ୍ଦେହ ଆମ ନିକଟରେ ସାଧନ ସ୍ୱଳ୍ପ ରହିଛି କିନ୍ତୁ ଯେଉଁ ସାଧନ ରହିଛି ତାହାର ସଦୁପଯୋଗ କରିବା, ସଠିକ୍ ଯୋଜନା କରିବା ଦ୍ୱାରା ଅନେକ ବ୍ୟକ୍ତିଙ୍କୁ ସାହାଯ୍ୟ କରାଯାଇ ପାରିବ ।

ଆଜିକାଲି ସମଗ୍ର ଜମାଅତରେ ଗୋଟିଏ ବିଭାଗ ଜମାଅତ୍ ପାଇଁ ଚ୍ୟାଲେଞ୍ଜ ହୋଇ ରହିଛି ତାହା ହେଲା ରିଶ୍‌ତା ନାତା (ବିବାହ ବିଭାଗ) । ଏଥି ନିମନ୍ତେ ବ୍ୟାପକ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । ଜମାଅତୀୟ ବିଭାଗକୁ, ଅଧୀନସ୍ଥ ଗୋଷ୍ଠୀମାନଙ୍କୁ ମଧ୍ୟ ପରସ୍ପର ସହିତ ମିଳିମିଶି କାର୍ଯ୍ୟ କରିବାକୁ ହେବ । ଏଠାରେ ମଧ୍ୟ ଜମାଅତୀୟ ଓ ଅଧୀନସ୍ଥ ଗୋଷ୍ଠୀଗୁଡ଼ିକୁ ମଧ୍ୟ ଓ ତର୍ବିୟତ୍ ବିଭାଗକୁ ମଧ୍ୟ ଅତ୍ୟନ୍ତ ସକ୍ରିୟ ହେବାର ଆବଶ୍ୟକତା ରହିଛି । ପୁନଶ୍ଚ ସେହି ବିଭାଗ ଆଡ଼କୁ କଥା ଲେଉଟି ଯାଇଥାଏ ଯେ, ଆମ ଯୁବକମାନଙ୍କର ଯଦି ସଠିକ୍ ଭାବରେ ସଂସ୍କାର ହୁଏ ତାହାହେଲେ ଆମେମାନେ ଆଁହଜରତ ସ.ଅଙ୍କ ଆଦେଶାବଳୀକୁ ସର୍ବଦା ଦୃଷ୍ଟି ସମ୍ମୁଖରେ ରଖିବୁ । କାରଣ ସଂପର୍କ (ବିବାହ) ପ୍ରସଙ୍ଗରେ ଧନ, ବଂଶ, ପରିବାର. ସୌନ୍ଦର୍ଯ୍ୟତା ବଦଳରେ ଧର୍ମକୁ ପ୍ରାଧାନ୍ୟ ଦିଅନ୍ତୁ । **(ସହିହୁଲ୍ ବୁଖାରୀ, କିତାବୁନ୍ ନିକାହ୍, ବାବୁଲ୍ ଇକ୍‌ଫା, ଫିଦ୍ ଦିନି, ହଦିସ୍ ନଂ-5090)**

ସୁତରାଂ ଯଦି ଧର୍ମ ଆମମାନଙ୍କର ପ୍ରାଧାନ୍ୟ ହୋଇଯିବ ତାହାହେଲେ ବାଳକ ବାଳିକାମାନେ, ଯୁବକ ଯୁବତୀମାନେ ମଧ୍ୟ ନିଜର ଧାର୍ମିକ ଅବସ୍ଥାକୁ ଶୃଙ୍ଖଳିତ ତଥା ପରିମାର୍ଜିତ କରିବା ଏବଂ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ କରିବାକୁ ପ୍ରାଧାନ୍ୟ ଦେବେ । ସେହିପରି ଆମାମେନ ନିଜର ଆଗାମୀ ବଂଶଧରମାନଙ୍କୁ ସୁରକ୍ଷିତ ରଖି ପାରିବୁ । ଅନ୍ୟଥା ଦଜ୍ଜାଲ୍ (ପ୍ରବଞ୍ଚକ) ଯେଉଁ ଷଡ଼ଯନ୍ତ୍ର ରଚୁଛି ତାହା ଠାରୁ ସାଧାରଣ ପ୍ରୟାସ ଦ୍ୱାରା ବର୍ତ୍ତିବା ମଧ୍ୟ କଷ୍ଟକର ବ୍ୟାପାର ଅଟେ । ଏଥି ନିମନ୍ତେ ବ୍ୟାପକ ଯୋଜନା ପ୍ରସ୍ତୁତ କରିବାକୁ ହେବ । ସୁତରାଂ ପ୍ରତ୍ୟେକ ପଦାଧିକାରୀଙ୍କୁ ପ୍ରଥମେ ନିଜ ଘର ପରିବାରର ସଂଶୋଧନ ଏବଂ ସଂସ୍କାର କରିବାର ଆବଶ୍ୟକତା ରିହଛି। ପୁନଶ୍ଚ ଏହା ପରେ ଜମାଅତ୍‌ରେ ଉକ୍ତ କଥା ପ୍ରତି ଧ୍ୟାନ ଆକର୍ଷଣ କରିବାର ଆବଶ୍ୟକତା ରହିଛି । କାରଣ ଧର୍ମକୁ ସାଂସାରିକତା ଉପରେ ଅଗ୍ରାଧିକାର ଦେବାର ଆମମାନଙ୍କର ଯେଉଁ ଅଙ୍ଗୀକାର ରହିଛି ତାହା କେବଳ ଅଙ୍ଗୀକାର ହିଁ ହୋଇ ରହି ନଯାଉ । ବରଂ ଆମେମାନଙ୍କ ମଧ୍ୟରୁ ପ୍ରତ୍ୟେକ ସଦସ୍ୟ ଏହାର ବ୍ୟବହାରିକ ରୂପ ହୋଇଯାଉ । ଯେତେବେଳେ ଏପରି ହେବ ସେତେବେଳେ ଯାଇ ଆମେମାନେ ଦଜ୍ଜାଲ୍‌ର ମୁକାବିଲା କରିପାରିବା ଏବଂ ନିଜର ବଂଶଧରମାନଙ୍କୁ ରକ୍ଷା କରିପାରିବୁ, ନିଜର ଅଙ୍ଗୀକାର, ପ୍ରତିଶ୍ରୁତି ମଧ୍ୟ ରକ୍ଷା କରିପାରିବୁ, ନିଜର ଅମାନତ୍ (ନ୍ୟାସ) ର ମଧ୍ୟ ଅଧିକାର ସମ୍ପାଦନ କରିପାରିବୁ । ସୁତରଂ ସଂସାରର ମସସ୍ତ ଜମାଅତ୍‌ର ଜାତୀୟ ତଥା ପ୍ରାଦେଶିକ ଏବଂ ଆଞ୍ଚଳିକ ଆମେଲା ଓ ସେହିପରି ଅଧୀନସ୍ଥ ଗୋଷ୍ଠୀମାନଙ୍କୁ ମଧ୍ୟ ତତ୍‌ସଂକ୍ରାନ୍ତରେ ବହୁତ ଚିନ୍ତା କରିବା, ଏକ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । କାରଣ ନିଜ ଅମାନତ୍‌ର ଅଧିକାର ସମ୍ପାଦନ ଆମମେମାନେ ସଠିକ୍ ଭାବରେ କରି ପାରିବୁ ।

ଯେପରିକି ମୁଁ ଉମୁରେ ଆମ୍ମାର କାର୍ଯ୍ୟର ସଂକ୍ଷିପ୍ତ ଉଦାହରଣ ଦେଇଥିଲି । ଆମମାନଙ୍କ ବ୍ୟବସ୍ଥାରେ ଉମୁରେ ଆମ୍ମାର ମଧ୍ୟ ଏକ ବିଭାଗ ରହିଛି ଏବଂ ଏହି ବିଭାଗ ମଧ୍ୟ ପ୍ରମୁଖ ବିଭାଗ ଅଟେ । କିନ୍ତୁ ଏହି ଧାରଣା ସୃଷ୍ଟି ହୋଇଯାଇଛି ଯେ, ଉକ୍ତ ବିଭାଗର କାର୍ଯ୍ୟ ଲୋକମାନଙ୍କୁ ଶାସ୍ତି ପ୍ରଦାନ କରିବା କିମ୍ବା କଠୋରତାପୂର୍ବକ ଲୋକମାନଙ୍କୁ ସତର୍କ କରାଇବା । ଉମୁରେ ଆମ୍ମା ବିଭାଗରେ କାର୍ଯ୍ୟରତ ଥିବା ଲୋକମାନଙ୍କୁ ସଂସାରରେ ଯେକୌଣସି ସ୍ଥାନରେ ବାସ କରନ୍ତୁ ନା କାହିଁକି ଏହା ଜ୍ଞାତ ହେବା ଉଚିତ୍ ଯେ, ସେମାନଙ୍କର କେବଳ ଏତିକି କାର୍ଯ୍ୟ ନୁହେଁ ଯେ, ଲୋକମାନଙ୍କୁ ଦଣ୍ଡ ଦେବା ଅବା ଲୋକମାନଙ୍କ ପ୍ରତି କଠୋର ହେବା ଇତ୍ୟାଦି । ଏହା ତ' କାର୍ଯ୍ୟର ଏକ ଅଂଶ ବିଶେଷ ମାତ୍ର । ଲୋକମାନଙ୍କ ପ୍ରତି କଠୋରତାପୂର୍ବକ ସତର୍କ ଏବଂ ସାବଧାନ କରାଇବା ସେମାନଙ୍କର କାର୍ଯ୍ୟ ନୁହେଁ । ଯେତେବେଳେ କୌଣସି ସମାଧାନ ନ ବାହାରେ ସେତେବେଳେ ଚରମ ନିଷ୍ପତ୍ତିପୂର୍ବକ ଶାସ୍ତି ନିମନ୍ତେ ସୁପାରିଶ କରାଯାଇଥାଏ । ଏଠାରେ ମୁଁ ପୁନଃ ଏହା ହିଁ କହିବି ଯେ, ଯଦି ତର୍ବିୟତ୍ (ସଂସ୍କାର) ବିଭାଗ ସକ୍ରିୟ ରହିଛି ତେବେ ଉମୁରେ ଆମ୍ମାର ଅନେକ ସମସ୍ୟା ସମାଧାନ ହୋଇଯାଇଥାଏ ଯାହାକି ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପାରସ୍ପାରିତ କଳହ ସଂପର୍କିତ ପ୍ରସଙ୍ଗ ଅବା ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଖରାପ କାର୍ଯ୍ୟରେ ଲିପ୍ତ ହେବା ସଂପର୍କିତ ଅଟନ୍ତି, କିମ୍ବା ବିରୋଧୀମାନଙ୍କ ମାଧ୍ୟମରେ କୌଣସି ଦୁର୍ବଳ ବିଶ୍ୱାସୀ ବ୍ୟକ୍ତିମାନଙ୍କ ମାଧ୍ୟମରେ ଜମାଅତ୍‌ରେ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଯେଉଁ ଉଦ୍ୟମ ହୋଇଥାଏ ତତ୍‌ସଂପର୍କିତ ଅଟନ୍ତି । ସେହି କ୍ଷେତ୍ରରେ ତର୍ବିୟତ୍ ବିଭାଗ କାର୍ଯ୍ୟ କରିବା ଉଚିତ୍ ।

କେତେକ ସ୍ଥଳେ ତର୍ବିୟତ୍ ବିଭାଗ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସହିତ ଏକ ନିଷ୍ଠାପୂର୍ଣ୍ଣ ସଂପର୍କ ସୃଷ୍ଟି କରି ଏଥିସଂକ୍ରାନ୍ତରେ ପ୍ରୟାସ ମଧ୍ୟ କରିଛି । ତେବେ ଯେଉଁଠି ଲୋକମାନଙ୍କର ଅଭିଯୋଗ ଉକ୍ତ ପ୍ରଚେଷ୍ଟା ଦ୍ୱାରା ଦୂରୀଭୂତ ହେଲା ଏବଂ ଜମାଅତ୍ ପ୍ରତି କୁଧାରଣା ଦୂରୀଭୂତ ହେଲା ସେଠାରେ ଜମାଅତୀୟ ନିଷ୍ପତ୍ତିର ମଧ୍ୟ ସମ୍ମାନ ପ୍ରଦର୍ଶନ କଲା ଏବଂ ଏହାକୁ ସସମ୍ମାନେ ସ୍ୱୀକାର ମଧ୍ୟ କଲା ଏବଂ ପୁନଶ୍ଚ ବିରୋଧୀମାନେ ଯେଉଁ କପଟ ବିଶ୍ୱାସ କିମ୍ବା କୁଧାରଣା ଜମାଅତ୍‌ର ସଦସ୍ୟ ବୃନ୍ଦଙ୍କ ଠାରୁ ଫାଇଦା ଉଠାଇବା ନିମନ୍ତେ ଉଦ୍ୟମ କରିଥିଲେ ତାହା ପଣ୍ଡ ହୋଇଗଲା । ଅତଃ ତର୍ବିୟତ୍ ବିଭାଗ ଓ ଉମୁରେ ଆମ୍ମାକୁ କେତେକ ପ୍ରସଙ୍ଗରେ ମିଳିତ ଭବାରେ କାର୍ଯ୍ୟ କରିବାର ବହୁତ ଆବଶ୍ୟକତା ରହିଛି ।

ଯେପରିକି ମୁଁ କହିଲି, ଉମୁରେ ଆମ୍ମାର କାର୍ଯ୍ୟ ତ' ଅତ୍ୟନ୍ତ ବ୍ୟାପକ ଅଟେ। ଜମାଅତ୍‌ରେ ଆର୍ଥିକ ସ୍ୱଚ୍ଛଳତା ସ୍ଥାପନ ତଥା ସୃଷ୍ଟି କରିବା ନିମନ୍ତେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଉମୁରେ ଆମ୍ମାର କାର୍ଯ୍ୟ ଅଟେ । ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଚାକିରୀ ଏବଂ ରୋଜଗାରର ଅନ୍ୟାନ୍ୟ ମାଧ୍ୟମ ନିମନ୍ତେ ମାର୍ଗଦର୍ଶନ ଓ ସାହାଯ୍ୟ କରିବା ଉମୁରେ ଆମ୍ମାର କର୍ତ୍ତବ୍ୟ ଅଟେ । ଖିଦ୍‌ମତେ ଖଲ୍‌କ୍ (ମାନବ ସେବା)ର କାର୍ଯ୍ୟକୁ ସମ୍ପାଦାନ କରିବା ଉମୁରେ ଆମ୍ମାର କର୍ତ୍ତବ୍ୟ ଅଟେ । ପ୍ରେମ ଓ ଆନ୍ତରୀକତାର ସହିତ ବୁଝାଇ ସୁଝାଇ କଳହକୁ ସମାପ୍ତ କରିବା ଉମୁରେ ଆମ୍ମାର କାର୍ଯ୍ୟ ଅଟେ ଇତ୍ୟାଦି ଇତ୍ୟାଦି। କିନ୍ତୁ ବିଚାରାଳୟ ବା ନ୍ୟାୟିକ ପ୍ରସଙ୍ଗରେ ଉମୁରେ ଆମ୍ମାର କୌଣସି ହାତ ନାହିଁ ଯେ, ଉମୁରେ ଆମ୍ମା ନିଷ୍ପତ୍ତି ନେବା ଆରମ୍ଭ କରିଦେବ ।

ହଁ ବିଚାର ଜନିତ ନିଷ୍ପତ୍ତିକୁ ପ୍ରଣୟନ କରାଇବା ଉମୁରେ ଆମ୍ମାର କାର୍ଯ୍ୟ ଓ କର୍ତ୍ତବ୍ୟ ଅଟେ । କିନ୍ତୁ ତତ୍‌ସଂପର୍କରେ ନିଷ୍ପତ୍ତି ପରେ ଯଦି କୌଣସି ପକ୍ଷ ଏହାକୁ କାର୍ଯ୍ୟକାରୀ କରାଇବାରେ ଟାଳଟୁଳ କରନ୍ତି । ତେବେ ଉମୁରେ ଆମ୍ମା ବିଭାଗର

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଏହି କାର୍ଯ୍ୟ ଯେ, ସେ ଉକ୍ତ ପକ୍ଷକୁ ଆରାମ ସେ ବୁଝାଇବାକୁ ଚେଷ୍ଟା କରନ୍ତୁ ଏବଂ କହନ୍ତୁ ଯେ, ଆପଣମାନେ ଏହା ଉପରେ କାର୍ଯ୍ୟାନୁସରଣ କରି କାହିଁକି ନିଜର ଧର୍ମର ସର୍ବନାଶ କରୁଛନ୍ତି । ସାଂସାରିକ ସ୍ୱାର୍ଥ ସକାଶେ କାହିଁକି ନିଜର ଧର୍ମର କ୍ଷତି ଘଟାଉଛ । ପୁନଶ୍ଚ ଏପରି ଲୋକମାନେ ମଧ୍ୟ ମୋର ସମୟ ମଧ୍ୟ ନଷ୍ଟ କରୁଛନ୍ତି। ଏମାନେ ମୋତେ ବରାମ୍ବାର ପତ୍ର ଲେଖିଥାନ୍ତି । କିନ୍ତୁ ସ୍ୱୟଂ ଭୁଲ୍ କରିଥାଆନ୍ତି । ତେବେ ଅନେକ ଲୋକମାନ ଅଛନ୍ତି ଯଦି ସେମାନଙ୍କୁ ବୁଝାଇ ଦିଆଯାଏ ତେବେ ସେମାନେ ବୁଝି ଯାଆନ୍ତି । ସେ ଯାହା ହେଉ ଉମୁରେ ଆମ୍ମାର କାର୍ଯ୍ୟ କେବଳ ଶାସ୍ତି ବା ଦଣ୍ଡ ପ୍ରଦାନ କରିବା ନୁହେଁ ବରଂ ଲୋକମାନଙ୍କୁ ଶାସ୍ତିରୁ ଉଦ୍ଧାର କରିବା ମଧ୍ୟ ଅଟେ । ଏଥି ନିମନ୍ତେ ଉମୁରେ ଆମ୍ମାକୁ ଯଥା ସମ୍ଭବ ପ୍ରୟାସ କରିବା ଉଚିତ୍ ।

ଯଦି କେଉଁଠି ଭୁଲ୍ କାମ ହେଉଛି ସେଠାରେ ଦେଖନ୍ତୁ କିମ୍ବା ବୁଝନ୍ତୁ ଯେ, ଏହି କାମ ଯୋଗୁଁ ଜମାଅତୀୟ ସ୍ୱାର୍ଥକୁ ଯଦି କ୍ଷତି ପହଞ୍ଚିବ ତାହାହେଲେ ତୁରନ୍ତ ତର୍ବିୟତ୍ ବିଭାଗକୁ ମଧ୍ୟ ସାଥିରେ ମିଶି ଓ ମୁବଲ୍ଲିଗିନମାନଙ୍କର ସାହାଯ୍ୟ ମଧ୍ୟ ଲୋଡ଼ି ଯେଉଁଠି ସେମାନେ ଜମାଅତୀୟ ସ୍ୱାର୍ଥକୁ ସୁରକ୍ଷା ଦେବେ ସେଠାରେ ଲୋକମାନଙ୍କର ବିଶ୍ୱାସକୁ ମଧ୍ୟ ବଞ୍ଚାଇବା ପାଇଁ ପ୍ରୟାସ କରିବେ ଏବଂ ଏପରି କରିବା ଉଚିତ୍ ।

ବେଳେବେଳେ ପଦାଧିକାରୀମାନଙ୍କର ଆଚରଣ ଜମାତ୍‌ର ବ୍ୟବସ୍ଥା ସଂପର୍କରେ କୁଧାରଣା ସୃଷ୍ଟି କରିଥାଏ ଏବଂ ନକାରାତ୍ମକ ପ୍ରଭାବ ପକାଇଥାଏ । ଉଦାହରଣ ସ୍ୱରୂପ ଯଦି କୌଣସି ବ୍ୟକ୍ତି ନିଜର ଆବଶ୍ୟକତା ନିମନ୍ତେ ଉପସ୍ଥିତ ଖଲିଫାଙ୍କୁ ଆବେଦନ (ଦରଖାସ୍ତ) ପତ୍ର ପ୍ରେରଣ କରନ୍ତି । ତେବେ ସଦର୍ ଜମାଅତ୍ କିମ୍ବା ଅମୀର୍ ଜମାଅତ୍ କିମ୍ବା ଉମୁରେ ଆମ୍ମା ଅବା ଅନ୍ୟ କୌଣସି ବିଶେଷ ବିଭାଗ ସଂପର୍କିତ ପ୍ରସଙ୍ଗ ରହିଛି ତେବେ ସେପରିପ୍ରେକ୍ଷୀରେ ଉକ୍ତ ବ୍ୟକ୍ତର କାର୍ଯ୍ୟ କଲାବାଲା ଲୋକମାନେ ସେହି ବ୍ୟକ୍ତି ଉପରେ କଠୋରତା ପ୍ରଦର୍ଶନ କରନ୍ତି । ସେହି ବ୍ୟକ୍ତିକୁ କୁହନ୍ତି ତୁମେ ଆମମାନଙ୍କ ମାଧ୍ୟମରେ କାହିଁକି ଦରଖାସ୍ତ ଦେଲ ନାହିଁ । ଫଳତଃ ଉକ୍ତ ବ୍ୟକ୍ତିର ପ୍ରସଙ୍ଗ ପଡ଼ି ରହିଥାଏ । ଅତଏବ୍ ଏ ବାବଦରେ ମର୍କଜ୍ ଯେତେବେଳେ ସେହି ସଦର୍ କିମ୍ବା ଅମୀରମାନଙ୍କୁ ରିପୋର୍ଟ କରିବା ନିମନ୍ତେ କୁହାଯାଇଥାଏ ସେତେବେଳେ ସେମାନଙ୍କ ପକ୍ଷେ ଏହା ଉଚିତ୍ ହେବ ଯେ, ସେମାନେ ତୁରନ୍ତ ମର୍କଜକୁ ରିପୋର୍ଟ ପ୍ରେରଣ କରନ୍ତୁ । ପୁନଶ୍ଚ ସେମାନଙ୍କ (ଅମୀର୍/ସଦର) ପକ୍ଷରୁ ମର୍କଜ୍‌କୁ ଉତ୍ତର ଯଦି ନଯାଏ ତେବେ ସେହି ବ୍ୟକ୍ତି ମନରେ ମର୍କଜ୍, ସଦର୍, ଅମୀର୍, ଜମାଅତୀୟ ବ୍ୟବସ୍ଥା ପ୍ରତି କୁଧାରାଣା ସୃଷ୍ଟି ହୋଇଥାଏ । ଲୋକମାନେ ସିଧାସଳଖ ମୋତେ (ଉପସ୍ଥିତ ଖଲିଫାଙ୍କୁ) ପତ୍ର ଲେଖନ୍ତି ଯେ, ଆମମାନଙ୍କର ଆବେଦନ ପହଞ୍ଚିଲା ନାହିଁ ଏବଂ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ ।

ଯେତେବେଳେ କୌଣସି ଆବେଦନ ଉପେରେ ଦୀର୍ଘ କାଳ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଏ ନାହିଁ ସେତେବେଳେ ସେହି ବ୍ୟକ୍ତିମାନଙ୍କ ମନରେ ବିଶେଷ କରି କୁଧାରଣ ସୃଷ୍ଟି ହୋଇଥାଏ । ଲୋକମାନେ ଏହା ଭାବନ୍ତି ଯେ, ଉପସ୍ଥିତ ଖଲିଫାଙ୍କ ପର୍ଯ୍ୟନ୍ତ ଆମମାନଙ୍କର ଆବେଦନ (ଦରଖାସ୍ତ) ପହଞ୍ଚିଲା ନାହିଁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏପରି ମଧ୍ୟ ପରିସ୍ଥିତି ଉପୁଜିଛି ଯେ, ଏକ ପକ୍ଷରେ ସଦର୍ ଅମୀରମାନେ କୁହନ୍ତି ଯେ, ଆମମାନଙ୍କୁ କାହିଁକି ପଚାରିଲ ନାହିଁ, ଅନ୍ୟ ପକ୍ଷରେ ସଦର୍ ଅମୀରମାନେ କୁହନ୍ତି ଯେ, ଯେହେତୁ ଉକ୍ତ ବ୍ୟକ୍ତି ଜଣକ ଆମକୁ ନପଚାରି ସିଧାସଳଖ ଖଲିଫାକୁ ଦରଖାସ୍ତ ଲେଖିଛି । ତେଣୁ ସେହି ସଦର୍ ଓ ଅମୀରମାନେ ମର୍କଜକୁ ଲେଖି ଦିଅନ୍ତି ଯେ, ସେହି ବ୍ୟକ୍ତିର ଆବେଦନ ଉପେରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ନାହିଁ । କାରଣ ସେ ଆମମାନଙ୍କୁ ନପଚାରି ସିଧା ସଳଖ ଖଲିଫାଙ୍କ ନିକଟରେ ଆବେଦନ ଲେଖିଛି । ସୁତରାଂ ଏହା ପରେ ସେହି ବ୍ୟକ୍ତିର ଜମାଅତ୍ ପ୍ରତି ଥିବା ଆସ୍ଥା, ବିଶ୍ୱାସ ଦୁର୍ବଳ ହୋଇଯାଇଥାଏ । ଫଳତଃ ଉକ୍ତ ବ୍ୟକ୍ତିର ମନରେ ଖଲିଫାଙ୍କ ପ୍ରତି ଏବଂ ଖଲିଫାଙ୍କ କାର୍ଯ୍ୟାଳୟ ପ୍ରତି ମଧ୍ୟ କୁଧାରଣା ସୃଷ୍ଟି ହୋଇଥାଏ । କିନ୍ତୁ ଏହି ସମସ୍ତ କଥା ସଂପୂର୍ଣ୍ଣ ରୂପେ ଭୁଲ ଓ ଭ୍ରମାତ୍ମକ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କୁହନ୍ତି, ପ୍ରତ୍ୟେକଟି ପତ୍ର ଏଠାରେ ପହଞ୍ଚିଥାଏ । ଯେଉଁ ପତ୍ର ଏଠାକୁ ଆସିଯାଏ ତାହା ପାଠ ମଧ୍ୟ କରାଯାଇଥାଏ ଏବଂ ପତ୍ରକୁ ଖୋଲା ଯାଇଥାଏ। ଏହା ନୁହେଁ ଯେ ପତ୍ରକୁ ଖୋଲାଯିବ ନାହିଁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଇ ଉକ୍ତ ପତ୍ରକୁ ଅଟକ ରଖାଯିବ । ପ୍ରତ୍ୟେକ ପ୍ରକାରର ଆବେଦନ/ଦରଖାସ୍ତ ସଂପୃକ୍ତ ଜମାଅତ୍‌କୁ ରିପୋର୍ଟ ନିମନ୍ତେ ପ୍ରେରଣ କରାଯଇଥାଏ । ସେ ଯାହା ହେଉ ନା କହିଁକି ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ମୁଁ କହି ଦେବାକୁ ଚାହୁଁଛି ଯେ, ଯେଉଁ ପତ୍ର ବି ଏଠାକୁ ଆସୁଛି, ଏଠାରେ ପହଞ୍ଚିଯାଏ ତେବେ ତାହାକୁ ଖୋଲା ମଧ୍ୟ ଯାଏ, ପାଠ କରାଯାଏ ଏବଂ ଏହା ଉପରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଥାଏ। ସଂପୃକ୍ତ ଜମାଅତ୍‌ର ବିଭାଗ ସେହି ବ୍ୟକ୍ତିର ଉତ୍ତର ଦେବାରେ ବିଳମ୍ବ କରୁଛି । ସୁତରାଂ ହୁଜୁର ଅନୱର୍ ଅ.ବ କହିଲେ, ଏପରି ପଦାଧିକାରୀମାନଙ୍କୁ ଭୟ କରିବା ଉଚିତ୍ ଯେ, ସେମାନଙ୍କର ଏହି ପନ୍ଥା ଜମାଅତର ସଦସ୍ୟ ଏବଂ ଉପସ୍ଥିତ ଖଲିଫାଙ୍କ ମଧ୍ୟରେ ବ୍ୟବଧାନ ସୃଷ୍ଟି କରିଥାଏ । ଜମାଅତ୍ ବ୍ୟବସ୍ଥା ସଂପର୍କରେ କୁଧାରଣା ସୃଷ୍ଟି କରିଥାଏ । ଏହିପରି ଭାବରେ ସଂପୃକ୍ତ ଜମାଅତ୍‌ର ପଦାଧିକାରୀ ଦୋଷୀ ଓ ପାପୀ ହୋଇଥାଏ । କାହାର ବିଶ୍ୱାସ ସହିତ ଖେଳି ସେହି ପଦାଧିକାରୀ ନିଜକୁ ପାପୀ ରୂପେ ବିବେଚିତ କରୁଛି । ଅତଃ ଏହିପରି ପଦାଧିକାରୀମାନଙ୍କୁ ପ୍ରଭୁଙ୍କ ଭୟ ନିଜ ମନ ଭିତରେ ରଖିବା ଉଚିତ୍ ।ପ୍ରତ୍ୟେକ ପଦାଧିକାରୀଙ୍କୁ ଏହା ବୁଝିନେବା ଉଚିତ୍ ଏବଂ ବିଶେଷ କରି ଯେଉଁମାନଙ୍କ ଉପରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଆବଶ୍ୟକତା ତଥା ସେମାନଙ୍କ ଯତ୍ନ ନେବାର ଦାୟିତ୍ୱ ନ୍ୟସ୍ତ ହୋଇଛି । ସେମାନେ ଯଦି ନିଜ କାର୍ଯ୍ୟରେ ଅବହେଳା ଏବଂ ଆଳସ୍ୟପରାୟଣତା ପ୍ରଦର୍ଶନ କରନ୍ତି ଓ ଲୋକମାନଙ୍କର ଅଧିକାର ପ୍ରଦାନ କରନ୍ତି ନାହିଁ ତାହାହେଲେ ଏହି ପଦାଧିକାରୀମାନେ କେବଳ ନିଜ ଅମାନତ୍‌ରେ ବିଶ୍ୱାସଘତକତା କରୁ ନାହାନ୍ତି ବରଂ ସେମାନେ ଅଲ୍ଲାଃତାଲାଙ୍କ ଦଇବ ଦୌଡ଼ିରେ ଅବଶ୍ୟ ଗିରଫ ହେବେ ।

ଆଁହଜରତ ସ.ଅଙ୍କ ଏକ ଆଦେଶାବଳୀ ରହିଛି । ଉକ୍ତ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଯେଉଁ ଇମାମ (ତହିଁରୁ ଯଥାର୍ଥ ପଦାଧିକାରୀ) ଅଭାବି ବ୍ୟକ୍ତି, ଶୂନ୍ୟହସ୍ତମାନଙ୍କୁ ଏବଂ ଦରିଦ୍ର ବ୍ୟକ୍ତିମାନଙ୍କ ସକାଶେ ନିଜ ଦ୍ୱାରକୁ ବନ୍ଦ ରଖନ୍ତି ଅଲ୍ଲାଃତାଲା ସେହି ଇମାମ୍ (ପଦାଧିକାରୀଙ୍କ) ଆବଶ୍ୟକତା ନିମନ୍ତେ ଆକାଶର ଦ୍ୱାର ବନ୍ଦ କରିଦେଇ ଥାଆନ୍ତି । **(ସୁନନୁତ୍ ତିର୍ମିଜି, ଅବ୍‌ୱାବୁଲ୍ ଇହ୍‌କାମ୍, ବାବ- ମା, ଯାଆ ଫି ଇମାମିର୍ ରଇୟତା, ହଦିସ୍ ନଂ-1332)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଯଦି ଏପରି ଚିନ୍ତାଧାରା ରଖୁଥିବା ପଦାଧିକାରୀ କିମ୍ବା ସେମାନଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ଏପରି ଚିନ୍ତାଧାରା ରଖନ୍ତି ତେବେ ସେମାନେ ଅଲ୍ଲାଃତାଲାଙ୍କୁ ଭୟ କରି ଲୋକମାନଙ୍କ ଆବଶ୍ୟକତା ପୂରଣ କରିବାରେ ଶୀଘ୍ରତା ପ୍ରଦର୍ଶନ କରନ୍ତୁ କିମ୍ବା ଅନ୍ତତଃ ଶୀଘ୍ର ରିପୋର୍ଟ ପ୍ରଦାନ କରନ୍ତୁ । ଏହାପରେ ମର୍କଜର ଦାୟିତ୍ୱ ରହିବ ଯେ, ସେ ସମୀକ୍ଷା କରି ଦେଖୁ ଯେ, କେଉଁ ପର୍ଯ୍ୟନ୍ତ ଆବଶ୍ୟକତା ପୂରଣ କରାଯାଇ ପାରିବ । କିନ୍ତୁ ମୂଳରୁ ହିଁ ଉତ୍ତର ନଦେବା ଏବଂ ଆବେଦନକୁ ଏକ କୋଣରେ ପକାଇ ରଖିଦେବା ଅତ୍ୟନ୍ତ ନିନ୍ଦନୀୟ ଅପରାଧ ଅଟେ ।

ସୁତରାଂ ଆମମାନଙ୍କୁ ଏହି ପ୍ରୟାସ କରିବା ଉଚିତ୍ ଯେ, ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବା ନିମନ୍ତେ ଯଥାସମ୍ଭବ ପ୍ରୟାସ କରିବା ଉଚିତ୍। ପ୍ରତ୍ୟେକ ପୁଣ୍ୟ କାର୍ଯ୍ୟ କରିବା ପ୍ରତି ଧ୍ୟାନ ଦିଅନ୍ତୁ । ଆଁହଜରତ ସ.ଅ କହିଲେ, ତୁମେମାନେ ଯେଉଁଠି ବି ଥାଅ ପଛେ କିନ୍ତୁ ଧର୍ମପରାୟଣତାକୁ ଅବଲମ୍ବନ କର । ଯଦି ତୁମେ ଖରାପ କାମ କର ତେବେ ଏହା ପରେ ପୁଣ୍ୟ କର୍ମ କରିବା ପ୍ରତି ଉଦ୍ୟମ କର । କାରଣ ପୁଣ୍ୟ ହିଁ ପାପକୁ ସମାପ୍ତ କରିଦେଇଥାଏ ଏବଂ ଲୋକମାନଙ୍କ ପ୍ରତି ପ୍ରସନ୍ନଚିତ୍ତର ସହିତ ଏବଂ ସଦ୍‌ବ୍ୟବହାର ପ୍ରଦର୍ଶନ କର । **(ସୁନନୁତ୍ ତିର୍ମିଜି, ଅବ୍‌ୱାବୁଲ୍ ବିର୍‌ରି ୱସ୍ ସିଲା, ବାବ୍- ମା ଯାଆ ଫି ମୁଆଶିରତୁନ୍ ନାସି, ହଦିସ୍ ନଂ-1987)**

ସେହିପରି ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ ଅବୁ ମୁସା ର.ଅ ଓ ମୁଆଜ୍ ବିନ୍ ଜବଲ୍ ର.ଅଙ୍କୁ ଯେତେବେଳେ ୟମନ୍‌ର ଦୁଇଟି ଭିନ୍ନ ପ୍ରାନ୍ତ ଅଭିମୁଖେ ଅମୀର୍ (ଶାସକ) କରି ପ୍ରେରଣ କରିବାକୁ ଲାଗିଲେ ସେତେବେଳେ ଆପଣ ସ.ଅ ସେମାନଙ୍କୁ ଏହି ଉପଦେଶ ଦେଲେ ଯେ, ହେ ଅବୁ ମୁସା ଓ ହେ ମୁଆଜ୍ ! ତୁମେମାନେ ଲୋକମାନଙ୍କ ପାଇଁ ସହଜତା ସୃଷ୍ଟି କର । କ୍ଲୀଷ୍ଟତା ସୃଷ୍ଟି କରିବ ନାହିଁ । ପ୍ରେମ ଓ ପ୍ରସନ୍ନତା ପ୍ରସାରିତ କରିବ ଘୃଣା ସୃଷ୍ଟି ହେବାକୁ ଦେବ ନାହିଁ । **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବୁଇସା ଅବି ମୁସା ୱ ମୁଆଜ୍ ଇଲଲ୍ ୟମନି.....ଶେଷ ପର୍ଯ୍ୟନ୍ତ, ହଦିସ୍ ନଂ-4341-4342)**

ଅତଏବ୍ ଏ ହେଉଛି ସେହି ଉପଦେଶ ଯାହାକି ପ୍ରତ୍ୟେକ ପଦାଧିକୀରଙ୍କୁ ଯେଉଁମାନେ ଲୋକମାନଙ୍କ ସହିତ ସର୍ବାଧିକ ସଂପର୍କ ରଖନ୍ତି ବା ମିଶନ୍ତି ସେମାନେ ଏହାକୁ ନୈତିକ ମାର୍ଗଦର୍ଶକ ରୂପେ ସମ୍ମୁଖରେ ରଖିବା ଉଚିତ୍ । ସୁତରାଂ ଏହା ହେଉଛି ସେହି ମାର୍ଗ ଯଦ୍ଦ୍ୱାରା ପଦାଧିକାରୀମାନେ ଜମାଅତ୍‌ର ସଦସ୍ୟମାନଙ୍କର ସେବା ତଥା କର୍ତ୍ତବ୍ୟ ସମ୍ପାଦନ କରି ପାରିବେ ଏବଂ ସେମାନଙ୍କ ବିଶ୍ୱାସର ସୁରକ୍ଷାରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରି ପାରିବେ, ଜମାଅତ୍‌ର ଏକତାକୁ ଅକ୍ଷୁର୍ଣ୍ଣ ରଖିବାରେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ମଧ୍ୟ ଏମାନେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ, ନିଜର ଅମାନତର ଅଧିକାର ମଧ୍ୟ ସମ୍ପାଦନ କରିପାରିବେ । ଯେତେବେଳେ ଏପରି ହେବ ସେତେବେଳେ ଏପରି ଏକ ସୁନ୍ଦର ସମାଜ ସୃଷ୍ଟି ହେବ ଯାହାକୁ ଇସ୍‌ଲାମୀୟ ସମାଜ ଏବଂ ଇସ୍‌ଲାମୀୟ ସଭ୍ୟତା ବୋଲି କୁହାଯିବ । ଏହି ସମାଜ ତଥା ସଭ୍ୟତାକୁ ସ୍ଥାପନ କରିବା ନିମନ୍ତେ ହ. ମସିହ୍ ମଉଦ୍ ଅ.ସ ଆସିଥିଲେ ଏବଂ ଆମେମାନେ ତାଙ୍କୁ ବୈଅତ୍ କରିବାର ଅଙ୍ଗୀକାର କରିଛେ ।

ଅତଏବ୍ ପଦାଧିକାରୀ ସର୍ବଦା ଉକ୍ତ କଥାକୁ ସ୍ମରଣ ରଖୁ ଯେ,ଜମାଅତ୍‌ର ସଦସ୍ୟବୃନ୍ଦମାନେ ସେମାନଙ୍କୁ ଏଇଥିପାଇଁ ନିଯୁକ୍ତ କରିଛନ୍ତି ବା କରିବେ ଯେ, ସେମାନେ ନି ଜ ଅମାନତ୍‌ର ଅଧିକାର ସମ୍ପାଦନ କରିବେ । କିନ୍ତୁ ଜମାଅତ୍‌ର ସଦସ୍ୟବୃନ୍ଦମାନେ ନିଜସ୍ୱ ଚିନ୍ତାଧାରା ଅନୁଯାୟୀ ପଦାଧିକାରୀମାନଙ୍କୁ ଚୟନ କରି ନାହାନ୍ତି ତେବେ ପଦାଧିକାରୀମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଅଲ୍ଲାଃତାଲା ସେମାନଙ୍କ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି ତାହାକୁ ସଠିକ୍ ଭାବରେ ନିର୍ବାହ କରନ୍ତୁ ଏବଂ ନିଜର ଦାୟିତ୍ୱକୁ ସତ୍‌ଉଦ୍ଦେଶ୍ୟର ସହିତ ସମ୍ପାଦନ କରନ୍ତୁ, ଅଲ୍ଲାଃତାଲାଙ୍କର ଭୟ ମନେ ଭିତରେ ରଖି ନିଜର ଦାୟିତ୍ୱକୁ ନିର୍ବାହ କରନ୍ତୁ, ଉପସ୍ଥିତ ଖଲିଫାଙ୍କର ସହାୟକ ହୋଇ ନିଜର ଦାୟିତ୍ୱ ନିର୍ବାହ କରନ୍ତୁ, ଯଥାସମ୍ଭବ ଲୋକମାନଙ୍କର ବିଶ୍ୱାସର ଦୃଢତ୍ୱତା ଏବଂ ଖଲିଫାଙ୍କୁ ଲାଭ ପହଞ୍ଚାଇବା ପାଇଁ କର୍ତ୍ତବ୍ୟ ସମ୍ପାଦନ କରନ୍ତୁ ।

ଆପଣମାନେ ଯେତେବେଳେ ଏହି ଚିନ୍ତାଧାରା ତଥା ମାନସିକତା ରଖି ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ ତେବେ ସେପରିପ୍ରେକ୍ଷୀରେ ଅଲ୍ଲାଃତାଲା ଆପଣମାନଙ୍କର କାର୍ଯ୍ୟରେ କଲ୍ୟାଣ ମଧ୍ୟ ପ୍ରଦାନ କରିବେ ଏବଂ ପ୍ରତ୍ୟେକ ଅବସରରେ ଆପଣମାନଙ୍କୁ ସାହାଯ୍ୟ କରିବେ । ଯଦି ନୁହେଁ ତାହାହେଲେ ଆମେମାନେ ଧର୍ମପରାୟଣତାରୁ ଦୂରେଇ ଯାଉଛେ । ଅଲ୍ଲାଃତାଲାଙ୍କ ସହିତ ଆମେମାନେ ବିଶ୍ୱାସଘାତକତା କରୁଛେ, ଉପସ୍ଥିତ ଖଲିଫାଙ୍କ ସହିତ ମଧ୍ୟ ବିଶ୍ୱାସଘାତକତା କରୁଛେ ଓ ଯେଉଁ ଲୋକମାନେ ଆମ ଉପରେ ଭରସା କିରଥିଲେ  ସେମାନଙ୍କର ସଠିକ୍ କିମ୍ବା ଭୁଲ ବିଶ୍ୱାସକୁ ମଧ୍ୟ କ୍ଷତି ପହଞ୍ଚାଇଥାଉ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ବିଶ୍ୱାସକାରୀ ହେଉଛନ୍ତି ସେହିମାନେ ଯେଉଁମାନେ ନିଜ ଅମାନତ୍, ବିଶ୍ୱାସ ଏବଂ ନିଜ ପ୍ରତିଶୃତି ରକ୍ଷା କରନ୍ତି । ଅର୍ଥାତ୍ ଅମାନତ୍‌ର ଅଧିକାର ସମ୍ପାଦନ କରିବା, ଅଙ୍ଗୀକାର ପ୍ରତି ବିଶ୍ୱସ୍ତତା ପ୍ରଦର୍ଶନ କରିବାରେ ଧର୍ମପରାୟଣତାର କୌଣସି ସୁଯୋଗ ତଥା ସମୟକୁ ହାତଛଡ଼ା କରନ୍ତି ନାହିଁ ଏବଂ ସତର୍କତା ପ୍ରଦର୍ଶନ କରିଥାଆନ୍ତି ।"**(ଜମିମା ବରାହିନେ ଅହେମଦିୟା, ଭାଗ-5, ରୁହାନୀ ଖଜାଏନ୍, ଭାଗ-21, ପୃ-239-240)**

ପୁନଶ୍ଚଜ ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: ମନୁଷ୍ୟର ସୃଷ୍ଟିରେ ଦୁଇ ପ୍ରକାରର ବିଶେଷତା ରହିଛି । **ପ୍ରଥମତଃ-** ଉତ୍ତମ ପ୍ରସଙ୍ଗ ଅର୍ଥାତ ମନୁଷ୍ୟ ଅଲ୍ଲାଃତାଲାଙ୍କ ସମସ୍ତ ଅମାନତ୍ ତଥା ଅଙ୍ଗୀକାରକୁ ନିର୍ବାହ କରିବା କ୍ଷେତ୍ରରେ ଏହା ପ୍ରାଧାନ୍ୟ ଦେଉ ଯେ, ଈଶ୍ୱରଙ୍କ ସଂପର୍କିତ କୌଣସି ପ୍ରସଙ୍ଗକୁ କରିବା କ୍ଷେତ୍ରରେ ମନୁଷ୍ୟ ଯେପରି ଭୁଲି ନଯାଉ । ଅମାନତ୍‌ର ଅଧିକାର ସମ୍ପାଦନ କରିବା କ୍ଷେତ୍ରରେ କୌଣସି କର୍ମ ଯେପରି ଅପଚୟ ନହେଉ ।

**ଦ୍ୱିତୀୟତଃ-** ସେହିପରି ଏହା ଅନିର୍ବାର୍ଯ୍ୟ ଯେ, ମନୁଷ୍ୟ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ପ୍ରାଣୀମାନଙ୍କର ଅମାନତ ଏବଂ ସେମାନଙ୍କର ପ୍ରତିଜ୍ଞା ସଂକ୍ରାନ୍ତରେ ମଧ୍ୟ ଏହାକୁ ପ୍ରାଧାନ୍ୟ ଦେଉ । ଅର୍ଥାତ୍ ଅଲ୍ଲାଃତାଲଙ୍କର କର୍ତ୍ତବ୍ୟ ଏବଂ ଭକ୍ତମାନଙ୍କର କର୍ତ୍ତବ୍ୟରେ ଧର୍ମପରାୟଣତାକୁ ଅବଲମ୍ବନ କରୁ । ଏହା ହିଁ ଉତ୍ତମ ପ୍ରସଙ୍ଗ ଅଟେ । ଅବା ଏପରି କୁହାଯାଇପାରିବ ଯେ, ଆଧ୍ୟାତ୍ମିକତା ସୌନ୍ଦର୍ଯ୍ୟତା ହିଁ ଉତ୍ତମ ପ୍ରସଙ୍ଗ ଅଟେ । **(ଜମିମା ବରାହିନେ ଅହେମଦିୟା, ଭାଗ-5, ରୁହାନୀ ଖଜାଏନ୍, ଭାଗ-21, ପୃ-218)**

ସୁତରାଂ  ପ୍ରତ୍ୟେକ ପଦାଧିକାରୀକୁ ଉକ୍ତ କଥା ସ୍ମରଣ ରଖିବା ଉଚିତ୍ ଯେ, ଆମେମାନେ ନିଜ ମଧ୍ୟରେ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟତା ସୃଷ୍ଟି କରିବା ଉଚିତ୍ । ବିଶେଷ କରି ପଦାଧିକାରୀମାନଙ୍କୁ ହିଁ ହ. ମସିହ୍ ମଉଦ୍ ଅ.ସଙ୍କ ଉପରୋକ୍ତ କଥନରେ ସମ୍ବୋଧିତ କରି କହିଛନ୍ତି ।

ପ୍ରତ୍ୟେକ ଅହେମଦି ଧର୍ମପରାୟଣତା ମାର୍ଗ ଉପରେ ଅଗ୍ରସର ହେବା ଏବଂ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବାର ଅଙ୍ଗୀକାର କରିଥାଏ । କିନ୍ତୁ ପଦାଦଧିକାରୀମାନଙ୍କୁ ଏବଂ ସେହି ପଦାଧିକାରୀମାନେ ଯେଉଁମାନଙ୍କର ଉପରେ ଜମାଅତୀୟ ଦାୟିତ୍ୱ ତଥା ସେବା ନ୍ୟସ୍ତ ହୋଇଛି ସେମାନେ ସର୍ବାଧିକ ଭାବରେ ଉପରୋକ୍ତ କଥାରେ ସମ୍ବୋଧିତ ଅଟନ୍ତି ଏବଂ ସେମାନେ ହିଁ ଉତ୍ତରଦାୟି ଅଟନ୍ତି ।

ସୁତରାଂ ନିଜର ଅଙ୍ଗୀକାର, ପଦବୀ ଓ ଅମାନତ୍‌କୁ ସୁରକ୍ଷା ପ୍ରଦାନ କରି ଏହାକୁ ସଠିକ୍ ଭାବରେ ନିର୍ବାହ କରନ୍ତୁ । ଆମମାନଙ୍କ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ ହୋଇଛି ତାହାକୁ ଧର୍ମପରାୟଣତାପୂର୍ବକ ବିନିଯୋଗ କରି ତଥା ନିଜର ସକଳ ସାମର୍ଥ୍ୟକୁ ବିନିଯୋଗପୂର୍ବକ ନିର୍ବାହ କରିବାକୁ ଉଦ୍ୟମ କରନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟତା ପ୍ରଦାନ କରନ୍ତୁ ।

☆--☆--☆

## ବିଗତ ସଂଖ୍ୟା-18ରେ ପ୍ରକାଶିତ ଖୁତବା ଜୁମା, ତା-04-08-23, ପୃ-12ରେ ବର୍ଣ୍ଣିତ ଖୁତବା ଜୁମାର ଅବଶିଷ୍ଟାଂଶ

ଯାହାକି ଅନ୍ୟ କେଉଁଠି ଦେଖିବାକୁ ମିଳୁ ନାହିଁ । ଅର୍ଥାତ୍ ଏତେ ବଡ଼ ଜଲ୍‌ସାରେ ଠେଲା ପେଲା ଅବା କୌଣସି କଳି ଝଗଡ଼ା ନାହିଁ ଏବଂ ସମସ୍ତ ବ୍ୟବସ୍ଥା ଉତ୍ତମ ତଥା ଶୃଙ୍ଖଳିତ ଉପାୟରେ କରାଯାଇଛି । ଏଠାରେ କୌଣସି ବାଧା ବିଘ୍ନତା ଦୃଶ୍ୟମାନ ହେଉ ନାହିଁ । ଆଇ ଜାମେ ସାହେବ ପୁନଶ୍ଚ କୁହନ୍ତି ଯେ, ମୁଁ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରି ରହିପାରୁ ନାହିଁ ଯେ, ଆଜି ଭୂପୃଷ୍ଠରେ ପ୍ରକୃତ ଭ୍ରାତୃତ୍ୱତାର ଜୀବନ୍ତ ପ୍ରତିଛବି ଜମାଅତ୍ ଅହେମଦିୟାରେ ଦୃଶ୍ୟମାନ ହେଅଛି । ଏଠାରେ ଲୋକମାନେ ପରସ୍ପରକୁ ସ୍ମିତହାସ୍ୟ ପ୍ରକାଶ କରି, ବର୍ଣ୍ଣ ବୈଷମ୍ୟତାକୁ ଭୁଲି ଅତ୍ୟନ୍ତ ଶିଷ୍ଟ ଓ ସଭ୍ୟ ଭାବରେ ପରସ୍ପରକୁ ଭେଟୁଛନ୍ତି । ଏହା ଏପରି ପ୍ରତିତ ହେଉଛି ଯେପରିକି ଏହି ଅତିଥିମାନେ ପରସ୍ପରକୁ ଶହ ଶହ ବର୍ଷ ହେଲା ଜାଣିଛନ୍ତି ବା ଚିହ୍ନିଛନ୍ତି । ପୁନଶ୍ଚ ଜମାଅତ୍ ଅହେମଦୟା ଗ୍ୟାମ୍ବିୟାରେ ଯେଉଁ ସେବା ରହିଛି ତତ୍‌ସଂକ୍ରାନ୍ତରେ ସେ ଉଲ୍ଲେଖ କରନ୍ତି ଯେ, ମୁଁ ଅତ୍ୟନ୍ତ ସମ୍ମାନ ଦୃଷ୍ଟିରେ ଏହାକୁ ଦେଖିଥାଏ ।

ପୁନଶ୍ଚ ଗ୍ୟାମ୍ବିୟାରୁ ଏବ୍ରିମା.ଜି, ସଙ୍କାରେ (Ebrima G. Sankarreh) ନାମକ ଜନୈକ ବ୍ୟକ୍ତି ଅଟନ୍ତି । ସେ ସରକାରଙ୍କ ଦ୍ୱିଭାଷିକ ବା ଅନୁବାଦକ ଅଟନ୍ତି । ସେ ରାଷ୍ଟ୍ରପତିଙ୍କ ପରାମର୍ଶଦାତା ଏବଂ ଡାୟାସ୍ପୋରା (Diaspora)। ସେ କୁହନ୍ତି ଜଲ୍‌ସାର ଯେଉଁ ସମସ୍ତ ବ୍ୟବସ୍ଥା ରହିଥିଲା ତାହାର ସଫଳତାର ମୌଖିକ ପ୍ରତିଛବି ଥିଲା । ସମସ୍ତ ଅଂଶଗ୍ରହଣକାରୀମାନଙ୍କର ଶୃଙ୍ଖଳା, ପାରସ୍ପାରିକ ଭ୍ରାତୃତ୍ୱତା ଏବଂ ପ୍ରେମର ଆବେଗ ଅତ୍ୟନ୍ତ ଦର୍ଶନୀୟ ଥିଲା । ସମସ୍ତ ଖିତାବାତ୍ (ଉଦ୍‌ବୋଧନ) ଏବଂ ଭାଷଣ ତାତ୍ତ୍ୱିକପୂର୍ଣ୍ଣ ଥିଲା । ବକ୍ତାମାନେ ପାରସ୍ପାରିକ ପ୍ରେମ, ସୌହାର୍ଦ୍ଦ୍ୟ ଏବଂ ଶାନ୍ତିପୂର୍ଣ୍ଣ ସମାଜ ଗଠନ କରିବା ସଂପର୍କରେ  ଅନୁପ୍ରାଣିତ କରୁଥିଲେ । ଏବ୍ରିମା ଜି ପୁନଶ୍ଚ କହୁନ୍ତି ଯେ, ଉପସ୍ଥିତ ଖଲିଫା ନିଜର ଉଦ୍‌ଘାଟନୀ ଏବଂ ଉଦ୍‌ଯାପନୀ ଭାଷଣରେ ସମାଜର ନିମ୍ନବର୍ଗ ଏବଂ ଅଭାବି ଦରିଦ୍ର ଲୋକମାନଙ୍କ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସଂପର୍କରେ ଯେଉଁ ମାର୍ଗଦର୍ଶିକା ପ୍ରଦାନ କଲେ ତହିଁରୁ ମଧ୍ୟ ଅନେକାଂଶରେ ପ୍ରଭାବିତ ହେଲି । ସେ କୁହନ୍ତି ଯେ, ବ୍ୟକ୍ତିଗତ ରୂପେ ମୋତେ ସମାଜର ବିଭିନ୍ନ ଗୋଷ୍ଠୀ ତଥା ସ୍ତରର ବୃଦ୍ଧ ଏବଂ ଯୁବକମାନଙ୍କୁ ଭେଟି ଉକ୍ତ କଥାର ଆଶା ଆହୁରି ସତେଜ ହୋଇଗଲେ । (ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏବ୍ରିମା ଜି ବ୍ୟକ୍ତିଗତ ଭାବରେ ମଧ୍ୟ ଲୋକମାନଙ୍କୁ ଭେଟୁଥିଲେ) । ଆଜିକାଲି ସମସ୍ୟା ସତ୍ତ୍ୱେ ସଂସାରର ଭବିଷ୍ୟ ଉଜ୍ଜ୍ୱଳ ଅଛି । ଏପରି ଲୋକମାନେ ଅଛନ୍ତି ଯେଉଁମାନେ ସଂସାରକୁ ସମସ୍ତ ମାନବ ଜାତି ନିମନ୍ତେ ଶାନ୍ତିପୂର୍ଣ୍ଣ ସ୍ଥଳୀ କରିବା ନିମନ୍ତେ ଅଭିପ୍ରେତ ପ୍ରୟାସରତ ଅଟନ୍ତି । ସେ କୁହନ୍ତି, ମୁଁ ଏହି ବ୍ୟବସ୍ଥାକୁ ଦେଖି ଆଶ୍ଚର୍ଯ୍ୟଚକିତ ହୋଇଗଲି ଯେ, କିପରି ଜମାଅତ୍‌ର  ବିଭିନ୍ନ ଦେଶ ଏବଂ ବିଭିନ୍ନ ପ୍ରାନ୍ତରୁ ଆସିଥିବା 40,000ରୁ ଉର୍ଦ୍ଧ୍ୱ ଅତିଥିଙ୍କର ଜମାଅତ୍ ଅତିଥି ସତ୍କାର କରୁଅଛି । ଶେଷ କଥା ଏହିକିଯେ, ଯୁବଗୋଷ୍ଠୀର ଉତ୍ସାହ ଏବଂ ସ୍ୱେଚ୍ଛାକୃତ ସେବାର ଉତ୍ସାହ ସର୍ବାଧିକ ପ୍ରଭାବଶାଳୀ ଥିଲା । ଯୁବକମାନଙ୍କର ଶୃଙ୍ଖଳା, ଅଥରିଟି ପ୍ରତି ଥିବା ସମ୍ମାନ ଏବଂ ନିଃସ୍ୱାର୍ଥପୂର୍ଣ୍ଣ ସେବା ମୋ ମସ୍ତିଷ୍କ ଉପରେ ଅଲିଭା ପଦାଙ୍କ ଛାଡ଼ି ଯାଇଛି । ପୃଥିବୀର ଭବିଷ୍ୟ ଉଜ୍ଜ୍ୱଳ ଅଟେ । କାରଣ ଏପରି ଯୁବକ ସଂସାରକୁ ସର୍ବୋତ୍କୃଷ୍ଟ ସ୍ଥାନ ରୂପେ ଗଢି ତୋଳିବା ନିମନ୍ତେ ପ୍ରୟାସରତ ଅଟନ୍ତି । ସୁତରାଂ ହୁଜୁର ଅନୱର୍ ଅ.ବ କହିଲେ, ଆମ ଯୁବକମାନଙ୍କର ଯେଉଁ ପ୍ରଭାବ ରହିଛି ତାହା ମଧ୍ୟ ଅଣ ଧର୍ମାବଲମ୍ବୀମାନଙ୍କ ଉପରେ ପଡ଼ିଥାଏ । ତେଣୁ ଏହା ଏକ ନୀରବାପୂର୍ଣ୍ଣ ତବଲିଗ୍ (ପ୍ରଚାର) ଅଟେ ।

ପୁନଶ୍ଚ ଆଉ ଜଣେ ଅତିଥି ଯାହାଙ୍କ ନାମ ହେଲା ଲୁଇସ୍ କାର୍ଲୋସ୍ ଦା ସିଲଭା (Luiz Carlos Da Silva) । ମହୋଦୟ ସାମ୍ବାଦିକ ପ୍ରତିନିଧି ଥିଲେ । ମହୋଦୟ ପେଟ୍ରୋପୋଲସ୍ ବ୍ରାଜିଲ୍‌ରୁ ଆସିଥିଲେ । ସେ କୁହନ୍ତି: ମୋତେ ଜଲ୍‌ସାର ସବୁକିଛି ଭଲ ଲାଗିଲା । 181ଟି ଦେଶର ଲୋକମାନେ ଗୋଟିଏ ସ୍ଥାନରେ ଭ୍ରତୃତ୍ୱତା ପରିବେଶରେ ଏକତ୍ରିତ ହେବା ଅନ୍ୟ ପକ୍ଷେ ସହଜ ସାଧ୍ୟ ନୁହେଁ । ଲୋକମାନଙ୍କର ପରସ୍ପର ପ୍ରତି ସମ୍ମାନ, ଚରିତ୍ର ଏବଂ ସହୃଦୟ ତଥା ସହାନୁଭୂତିର ସହିତ ସାକ୍ଷାତ୍ କରିବା ମୋତେ ବହୁତ ଭଲ ଲାଗିଲା । ପୁନଶ୍ଚ ସେ ଜଲ୍‌ସାର କାର୍ଯ୍ୟକ୍ରମ ସଂପର୍କରେ ପ୍ରଶଂସା କରିଛନ୍ତି । ପୁନଶ୍ଚ ଅତିଥିମାନଙ୍କ ନିମନ୍ତେ ଗମନାଗମନ ସଂପର୍କରେ ମଧ୍ୟ ସେ କହିଲେ, ଜମାଅତ୍‌ର ବ୍ୟବସ୍ଥା ଅତ୍ୟନ୍ତ ଉତ୍ତମ ଥିଲା । ଏହା ଅସାଧାରଣ କଥା ଥିଲା । ମହୋଦୟ ପୁନଶ୍ଚ କୁହନ୍ତି: ମୁଁ ଗୋଟିଏ କଥା ପୁଣିଥରେ କହିବି ଯେ, ଏତେ ବଡ଼ ଜଲ୍‌ସାରେ ହଜାର ହଜାର ଲୋକମାନଙ୍କୁ କାର୍ଯ୍ୟ କରୁଥିବାର ଅବଲୋକନ କଲି। ସେହି ଲୋକମାନଙ୍କ ମଧ୍ୟରେ କୌଣସି ପ୍ରକାରର କୃତ୍ରିମତା ଏବଂ ଆଡମ୍ବରତା ନଥିଲା । ପୁନଶ୍ଚ ସ୍ୱେଚ୍ଛାସେବୀମାନେ ନିଃସ୍ୱାର୍ଥପର ହୋଇ କିପରି କେବଳ ସେବା କରୁଥିଲେ ତାହା ନୁହେଁ । ବରଂ ସମସ୍ତଙ୍କୁ ଏକ ଉତ୍ସାହ ଏବଂ ଆବେଗ ଦ୍ୱାରା କାର୍ଯ୍ୟ କରୁଥିବାର ଅବଲୋକନ କଲି ।

ପୁନଶ୍ଚ ସ୍ପେନ୍‌ର ପ୍ରତିନିଧିମଣ୍ଡଳଙ୍କ ମଧ୍ୟରେ ଜଣେ ବ୍ୟକ୍ତି ସାମିଲ ଥିଲେ । ବୃତ୍ତିରେ ସେ ଜଣେ ଇତିହାସବିତ୍ ଥିଲେ । ସେ ଅର୍କଭିଷ୍ଟ (Archivist) ମଧ୍ୟ ଅଟନ୍ତି ଏବଂ କର୍ଡବା ଅଲ୍ ଉନ୍ଦୁଲୁସ୍ ଲାଇବ୍ରେରୀ (ପାଠାଗାର)ରେ କର୍ମରତ ଅଟନ୍ତି। ସେ କୁହନ୍ତି, ମୁଁ ଜଲ୍‌ସା ସାଲାନା ନିମନ୍ତ୍ରଣରେ ଆସିଅଛି । ଏଥିପାଇଁ ମୁଁ ଜମାଅତ୍ ନିକଟରେ କୃତଜ୍ଞ

ଅଟେ । ମୁଁ ଆପଣାଙ୍କ ଠାରୁ ଇସ୍‌ଲାମ୍ ଏବଂ ଇସ୍‌ଲାମୀୟ ସଂସ୍କୃତି ସଂକ୍ରାନ୍ତରେ ଅନେକ କଥା ଶିକ୍ଷା କଲି ଏବଂ ଆପଣମାନେ ଅତ୍ୟନ୍ତ ଅତିଥି ସତ୍କାରକପୂର୍ବକ ମୋତେ ରଖିଲେ, ବହୁତ ସମ୍ମାନ ଦେଲେ ଏହାକୁ ମୁଁ କେବେ ବି ଭୁଲି ପାରିବି ନାହିଁ ନିଃସନ୍ଦେହ ଏହି ସମସ୍ତ ଲୋକମାନେ ଅଲ୍ଲାଃତାଲାଙ୍କ ପ୍ରେମ ସକାଶେ ଏଠାରେ ଏକତ୍ରିତ ହୋଇଥିଲେ । ମହୋଦୟ କୁହନ୍ତି ଯେ, ସାଂପ୍ରତିକ ଯୁଗରେ ଜମାଅତ୍ ଅହେମଦିୟା ପ୍ରକୃତରେ ସଂକଳ୍ପ ଏବଂ ସାହସ, ଉଦ୍ୟମ ଓ ପରିଶ୍ରମର ଏକ ସର୍ବୋଚ୍ଚ ଉଦାହହରଣ ସ୍ଥାପନ କରିଛି । ଉକ୍ତ ଉଦାହରଣକୁ ମୁଁ ନିଜର ଦୈନନ୍ଦିନ ଜୀବନରେ ସମ୍ମୁଖରେ ରଖିବି । ମୋ ପାଇଁ ମଧ୍ୟ ଏହା ଶୀକ୍ଷଣୀୟ ପ୍ରସଙ୍ଗ ଅଟେ ।

ଇଟାଲୀର ଜଣେ ସାମ୍ବାଦିକ ଯାହାଙ୍କ ନାମ ହେଲା ମାର୍କୋ ରେସ୍ପିଣ୍ଟି (Marco respinti) ସାହେବ । ମହୋଦୟ ଏକ ଖବର କାଗଜର ସମ୍ପାଦକ ଅଟନ୍ତି । ସେ କୁହନ୍ତି ଯେ, ମୁଁ ଜଲ୍‌ସା ସାଲାନା ସଂପର୍କରେ ପୂର୍ବେ ମଧ୍ୟ ଶୁଣିଥିଲି ଏବଂ ପଢିଥିଲି। କିନ୍ତୁ ଉକ୍ତ ଜଲ୍‌ସାରେ ସାମିଲ୍ ହେବା ପରେ ବର୍ତ୍ତମାନ ସଂପୂର୍ଣ୍ଣ ରୂପେ ଏକ ଭିନ୍ନ ପ୍ରକାରର ଅନୁଭୂତି ପ୍ରତିତ ହେଉଛି । ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟକୁ ଦେଖି ମୁଁ ଅତ୍ୟନ୍ତ ପ୍ରଭାବିତ ହୋଇଛି । ତତ୍‌ସହିତ ଆଉ ଏକ କଥା ନଜରକୁ ଆସିଛି ଏବଂ ତାହା ହେଉଛି ସର୍ବୋତ୍କୃଷ୍ଟ ଶୃଙ୍ଖଳା ରକ୍ଷା । ଏହି ଶୃଙ୍ଖଳା ରକ୍ଷା ଏତେ ବିଶାଳ ସଂଖ୍ୟାକୁ ଦୃଷ୍ଟି ରଖି ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଅଟେ । ଏତେ ବ୍ୟାପକ ସ୍ତରରେ ଶୃଙ୍ଖଳା ରକ୍ଷା, ସ୍ୱଚ୍ଛତା ବ୍ୟବସ୍ଥା କୌଣସି ସାଧାରଣ କଥା ନୁହେଁ । କିନ୍ତୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯାହାକି ମୁଁ ଜଲ୍‌ସା ସାଲାନାରେ ଅବଲୋକନ କଲି ତାହା ନମାଜ୍ ଥିଲା ।

ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ନମାଜ ଏକ ବିଶେଷ ମହତ୍ତ୍ୱର ଅଧିକାରେ ଥିଲା। ମାର୍କୋ ରେସ୍ପିଣ୍ଟି ସାହେବ କୁହନ୍ତି, ଯଦିଓ ମୁଁ ମୁସଲମାନ ନୁହେଁ କିନ୍ତୁ ମୁଁ ଭାବୁଛି ଯେ, ଅହେମଦିମାନେ ଯେଭଳି ନମାଜ ପାଠ କରୁଛନ୍ତି ଏହି ପନ୍ଥା ସମସ୍ତ ମନୁଷ୍ୟମାନଙ୍କର ସର୍ବାଦୌ କର୍ତ୍ତବ୍ୟ ଅଟେ । ସହସ୍ର ଲୋକମାନଙ୍କର ଗମ୍ଭୀରତା ଏବଂ ଶ୍ରମ ତଥା ଧ୍ୟାନକୁ ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ ହେଲି । ମହୋଦୟ କୁହନ୍ତି: ମୁଁ ଜଣେ ସାମ୍ବାଦିକ ହିସାବରେ ଅନେକ ଲୋକମାନଙ୍କୁ ଭେଟିଛି । ନୂଆ ଲୋକଙ୍କୁ, ପୁରୁଣା ଲୋକମାନଙ୍କୁ, ଚିହ୍ନା ଲୋକମାନେ ମଧ୍ୟ ମିଳିଲେ । ପୁନଶ୍ଚ ମୋତେ ଜମାଅତ୍ ଅହେମଦିୟାର ଇତିହାସ୍ ସଂପର୍କରେ ମଧ୍ୟ ଅନେକ କଥା ଜଣା ପଡ଼ିଲା ।

ସିନିଗାଲ୍‌ର କୋଲ୍‌ଡ଼ା ଅଞ୍ଚଳର ଗଭର୍ଣ୍ଣର ସେର୍ ଅନ୍ଦାଓ ସାହେବ ମଧ୍ୟ ଜଲ୍‌ସାରେ ସାମିଲ୍ ହେଲେ । ସେ କୁହନ୍ତି, ମୁଁ ଜଲ୍‌ସା ସାଲାନାରେ ପ୍ରଥମ ଥର କରି ସାମିଲ ହେଲି ଏବଂ ପୂର୍ଣ୍ଣ ବିଶ୍ୱସ୍ତତାର ସହିତ ଗୋଟିଏ କଥା କହୁଅଛି । କାରଣ ଯେଉଁ ଶୃଙ୍ଖଳା ମୁଁ ଜଲ୍‌ସାରେ ଦେଖିବାକୁ ପାଇଲି ତାହା ଆଜିଠାରୁ ପୂର୍ବେ କେବେ ଦେଖିବାକୁ ପାଇ ନଥିଲି । ଅହେମଦିମାନଙ୍କର ଖଲିଫା ଏପରି ସୁନ୍ଦର ଅଟନ୍ତି ଯେ, ଏହାକୁ ଶବ୍ଦରେ ବର୍ଣ୍ଣନା କରାଯାଇ ପାରିବ ନାହିଁ ।

ମୁଁ ଗଭର୍ଣ୍ଣର ହିସାବରେ ଯାତ୍ରା କରିଛି । କିନ୍ତୁ ଏପରି ପ୍ରେମର ଦୃଷ୍ଟାନ୍ତ କେବି ବି ଅବଲୋକନ କରି ନାହିଁ । ସେର୍ ଅନ୍ଦାଓ ସାହେବ କୁହନ୍ତି, ହୁଜୁର ଅନ୍‌ୱର୍ ଅ.ବ ଜଲ୍‌ସାରେ ହ. ମସିହ୍ ମଉଦ୍ ଅ.ସଙ୍କର ଯେଉଁ ଆଲେଖ୍ୟ ଉପସ୍ଥାପିତ କଲେ ତାହା ମଧ୍ୟ ମୋ ହୃଦୟରେ ବସା ବାନ୍ଧି ନେଇଛି । ମୋ ମନରେ ସେହି ଆଲେଖ୍ୟଗୁଡ଼ିକର ଗଭୀର ପ୍ରଭାବ ପଡ଼ିଛି । ଉକ୍ତ ଜଲ୍‌ସାରେ ମୁଁ ଯେଉଁ ବିଶେଷ କଥା ଲକ୍ଷ୍ୟ କଲି ତାହା ବଳିଦାନର ଉତ୍ସାହ ଅଟେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାର ଉଦ୍ଦେଶ୍ୟ ମଧ୍ୟରୁ ଏକ ଉଦ୍ଦେଶ୍ୟ ଏହା ମଧ୍ୟ କହିଥିଲେ ଯେ, ପରସ୍ପର ସକାଶେ ବଳିଦାନ କର।

**(ଶାହାଦତୁଲ୍ କୁରଆନ୍, ରୁହାନୀ ଖଜାଏନ୍, ଭାଗ-6, ପୃ-395ରୁ ଆହୃତ)**

ମହୋଦୟ ସେର୍ ଅନ୍ଦାଓ ସାହେବ କୁହନ୍ତି, ପ୍ରତ୍ୟେକ ବ୍ୟକ୍ତି ନିଜ ଉପରେ ଅନ୍ୟକୁ ପ୍ରାଧାନ୍ୟ ଦେଇଥାଏ । ମୁଁ ଛାତ୍ରକାଳରେ ଖିଲାଫତ୍ ସଂପର୍କରେ ଶୁଣିଥିଲି। କିନ୍ତୁ ବାସ୍ତବରେ ଆଜି ହିଁ ପ୍ରକୃତ ଖିଲାଫତ୍‌ର ସାକ୍ଷାତ୍ ଦର୍ଶନ କେବଳ ଜମାଅତ୍ ଅହେମଦିୟାରେ ହିଁ କଲି । ସମସ୍ତ ମୁସଲମାନ ସଂପ୍ରଦାୟ ଯଦି ଜମାଅତ୍ ଅହେମଦିୟର ଅନୁକରଣ କରନ୍ତି ତେବେ ନିଃସନ୍ଦେହ ମୁସଲମାନମାନେ ସଫଳ ହୋଇଯିବେ ।

କଲମ୍ବିୟାର ରୋଜୋ ଭ୍ୟାଲେନ୍‌ସିୟା (Rozo Valencia) ସାହେବ ନାମକ ଜଣେ ଅତିଥି ଅଟନ୍ତି । ସେ କୁହନ୍ତି, ଏଠାକାର ଶାନ୍ତିପୂର୍ଣ୍ଣ ପରିବେଶ, ଭ୍ରାତୃତ୍ୱତା, ପ୍ରେମ ଓ ଅନ୍ତରୀକତା, ଉପସ୍ଥିତ ଖଲିଫାଙ୍କର ତାତ୍ତ୍ୱିକପୂର୍ଣ୍ଣ ଉଦ୍‌ବୋଧନ ଏବଂ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦେଖି ମୁଁ ବହୁତ ପ୍ରଭାବିତ ହେଲି । ଜଲ୍‌ସା ସାଲାନାରେ ମୁଁ ଯାହାକିଛି ଦେଖିଲି ତହିଁରୁ ମୋତେ ଏହା ଆଶା ଏବଂ ଉତ୍ସାହ ପ୍ରାପ୍ତ ହୁଏ ଯେ, ଆମମାନଙ୍କୁ ବିଶ୍ୱାସ କରିବା ଉଚିତ୍ ଯେ, ଘଡ଼ିସନ୍ଧି ମୁହୂର୍ତ୍ତ ହେବା ସତ୍ତ୍ୱେ ପରିସ୍ଥିତି ଉତ୍ତମ ଓ ସୁଗମ ହୋଇପାରିବ । ସେ କୁହନ୍ତି, ଅଲ୍ଲାଃତାଲା ଆମ ସହିତ ଅଛନ୍ତି । ଉପସ୍ଥିତ ଖଲିଫାଙ୍କର ସନ୍ଦେଶ ମୋ ଆତ୍ମାର କନ୍ଦର ପର୍ଯ୍ୟନ୍ତ ପହଞ୍ଚିଥାଏ । କାରଣ ଶାନ୍ତି ଏକ ଅସୀମ ଏବଂ ସର୍ବୋତ୍କୃଷ୍ଟ ଜୀବନର ଏକ ମାଧ୍ୟମ ମଧ୍ୟ ଅଟେ । ପୁନଶ୍ଚ ସେ ସ୍ୱେଚ୍ଛାସେବୀମାନଙ୍କର ଉଚ୍ଚ ପ୍ରଶଂସା ମଧ୍ୟ କରିଛନ୍ତି । ଆଶ୍ଚର୍ଯ୍ୟଜନକ ବ୍ୟବସ୍ଥା ଥିଲା । ଅତିଥି ସତ୍କାରକତା ଆଶ୍ଚର୍ଯ୍ୟଜନକ ଢଙ୍ଗରେ କଲେ । ପ୍ରତ୍ୟେକ ସ୍ଥାନରେ ସ୍ମିତହାସ୍ୟତା ଦୃଶ୍ୟମାନ ହେଉଥିଲା । ଜଲ୍‌ସା ସାଲାନାର ସ୍ୱେଚ୍ଛାସେବୀମୂଳକ ସେବା ସଂସାର ନିମନ୍ତେ ଏକ ଆଦର୍ଶ ତଥା ଉଦାହରଣ ଓ ଇଶ୍ୱରାଭିଳାଷୀ ସତ୍ୟାନ୍ୱେଷୀମାନଙ୍କ ନିମନ୍ତେ ପ୍ରେମର ଶିକ୍ଷା ଏଭଂ ପ୍ରେରଣାଦାୟକ ଅଟେ ।

ପୁନଶ୍ଚ ଆର୍ଜେଣ୍ଟିନାର ଜାଭିୟର୍ ଫିଗ୍ରୋଓ୍ୱା (Javier Figueroa)ସାହେବ ଯେକି ୟୁ.କେର ରାଜଦୂତ ଭାବରେ ନିଯୁକ୍ତ ଅଟନ୍ତି । ସେ କୁହନ୍ତି, ମୁଁ ପ୍ରଥମ ଦିନର ଅଧିବେଶନରେ ଜଲ୍‌ସା ସାଲାନାରେ ସାମିଲ୍ ହେଲି । ଜଲ୍‌ସାର ବ୍ୟବସ୍ଥା ଏବଂ ପରିବେଶ ଦ୍ୱାରା ବେଶ୍ ପ୍ରଭାବିତ ହେଲି । ସେ ଜଲ୍‌ସା ପରେ ଅର୍ଜେଣ୍ଟାଇନ୍ ଓ ଆଖପାଖର ଲାଟିନ୍ ଆମେରିକୀୟ (Latin American) ଦେଶର ପ୍ରତିନିଧି ଦଳ ଯେଉଁମାନେ ଜଲ୍‌ସାରେ ସାମିଲ ହୋଇଥିଲେ ସମସ୍ତଙ୍କୁ ନିୟମିତ ଏକ ଉତ୍ସବ ନିମନ୍ତେ ନିଜର ରାଜଦୂତ ସ୍ଥିତ କାର୍ଯ୍ୟାଳୟରେ ନିମନ୍ତ୍ରଣ କରିଥିଲେ । କାରଣ ଅନ୍ୟ ଦେଶର ରାଜଦୂତମାନେ ଓ ସେମାନଙ୍କ ନିଜ ଦେଶର ରାଜଦୂତରେ ନିଯୁକ୍ତ ଡିପ୍ଲୋମାଟସ୍ (ଗଣତାନ୍ତ୍ରିକ ବ୍ୟକ୍ତି)ଙ୍କୁ ମଧ୍ୟ ଜମାଅତ୍‌ର ପରିଚୟ କରାଇବା ପାଇଁ ଏକ ପ୍ରୟାସ କରିବେ ।

ଚିଲି (Chile)ରୁ ତିନି ଜଣ ବ୍ୟକ୍ତି ଆସିଥିଲେ । ଏମାନେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଅଟନ୍ତି । ତନ୍ମଧ୍ୟରୁ ନେସ୍ତ୍ରୋ ସୋତୋ (Nestro Soto) ଖ୍ରୀଷ୍ଟ ପାଦ୍ରୀ ଅଟନ୍ତି, ସେ ଥିଓଲୋଜିଆନ୍ (Theologian) ଧର୍ମତତ୍ତ୍ୱବିତ ମଧ୍ୟ ଅଟନ୍ତି । ସେ ଚିଲି ସ୍ଥିତ ଏକ ଖ୍ରୀଷ୍ଟ ସଂପ୍ରଦାୟର ସଂସ୍ଥାପକ ଅଟନ୍ତି । ସେ କୁହନ୍ତି, ମୋତେ ଯେଉଁ କଥା ସବୁଠି ବେଶୀ ପ୍ରଭାବିତ କରିଥିଲା ତାହା ଜମାଅତର ଏକତା ଏବଂ ପାରସ୍ପାରିକ ପ୍ରେମ । ସେ କୁହନ୍ତି, ମୁଁ ଦୀର୍ଘ 40 ବର୍ଷ ହେଲା ପୃଥିବୀ ବ୍ୟାପୀ ବିଭିନ୍ନ ଖ୍ରୀଷ୍ଟ ଉତ୍ସବ ଏବଂ ସମ୍ମିଳନୀରେ ଯୋଗ ଦେଇ ଆସୁଛି । କିନ୍ତୁ ଜମାଅତ୍ ଅହେମଦିୟାର ଜଲ୍‌ସା ପରି ଏତେ ବ୍ୟାପକ ସମ୍ମିଳନୀ ଏବଂ ତାହା ପୁଣି କେବଳ ସ୍ୱେଚ୍ଛାସେବୀମାନଙ୍କ ଉପରେ ହିଁ ନିର୍ଭରଶୀଳ ଅନ୍ୟ କେଉଁଠାରେ ଅବଲୋକନ କରି ନାହିଁ । ମହୋଦୟ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି ଅଟନ୍ତି । ଆମେରିକାର ରାଷ୍ଟ୍ରପତି ଏବଂ ଆମେରିକା ସରକାରଙ୍କ ସହିତ ମଧ୍ୟ ତାଙ୍କର ଯୋଗାଯୋଗ ରହିଛି । ସେଠାରେ ମଧ୍ୟ ସେ ସଂସାର ଧାର୍ମିକ ବ୍ୟକ୍ତିମାନଙ୍କୁ ଏକତ୍ରିତ କରି, ଧାର୍ମିକ ମିଟିଂ କରାଇ ଥାଆନ୍ତି । ସେ କହିବାକୁ ଲାଗିଲେ ଯେ, ତାଙ୍କ ମତରେ ଆମ ଜମାଅତ୍‌ର ଜଲସାର ସଫଳତାର ମୂଳମନ୍ତ୍ର ଏକତା ଅଟେ । ଏହା ଉପସ୍ଥିତ ଖଲିଫାଙ୍କ ମାଧ୍ୟମରେ ହିଁ ସ୍ଥାପନ ହୋଇଛି।

(ଅଲ୍ଲାଃତାଲାଙ୍କ କୃପାରୁ ଖିଲାଫତ୍ ଏଯାବତ୍ ବଳବତ୍ତର ରହିଛି) ମହୋଦୟ କହିଲେ, ତାଙ୍କ ମତରେ ଏହା ଏକ ଚମତ୍କାର ହିଁ ଅଟେ ଯେ, ଜମାଅତ୍‌ର ସ୍ଥାପନ ହେବାକୁ 130 ବର୍ଷରୁ ଊର୍ଦ୍ଧ୍ୱ କାଳ ବିତି ଯାଇଛି । ଏପର୍ଯ୍ୟନ୍ତ ଆମମାନଙ୍କ ମଧ୍ୟରେ ପାରସ୍ପାରିକ ମତଭେଦତା ଏବଂ ଗୋଷ୍ଠୀବାଦ ସଂଗଠିତ ହୋଇ ନାହିଁ । ମହୋଦୟ କହିବାକୁ ଲାଗିଲେ ଯେ, ଆମର ଇଭାନ୍‌ଜେଲିକାଲ୍ (Evangelical) ଖ୍ରୀଷ୍ଟ ଗୋଷ୍ଠୀ ଏବଂ ସେହିପରି ଅନ୍ୟାନ୍ୟ ଇସ୍‌ଲାମୀୟ ଗୋଷ୍ଠୀଙ୍କ ମଧ୍ୟରୁ ଅତ୍ୟନ୍ତ ଦୁର୍ବଳ ନେତୃତ୍ୱ ପ୍ରାପ୍ତି ନିମନ୍ତେ ପାରସ୍ପାରିକ କଳହ ଓ ମତଭେଦତା ରହିଛି । ସେ କହିବାକୁ ଲାଗିଲେ, ଏହାର ବିପରୀତ ଆପଣଙ୍କ ଜଲ୍‌ସାର ବ୍ୟବସ୍ଥା ଏବଂ କାର୍ଯ୍ୟକ୍ରମ, ଉତ୍ସବକୁ ଦେଖି ଜ୍ଞାତ ହୁଏ ଯେ, ଆପଣଙ୍କ ଜମାଅତ୍ ଏକ ଶରୀର ପରି ଅଟେ। ଉପସ୍ଥିତ ଖଲିଫା ସେହି ଶରୀରର ମସ୍ତିଷ୍କ ଏବଂ ହୃତ୍‌ପିଣ୍ଡ ଅଟନ୍ତି । ଜମାଅତ୍ ହେଉଛି ଶରୀରର ଅନ୍ୟ ଅଙ୍ଗ ପ୍ରତ୍ୟଙ୍ଗର ସମାନାର୍ଥବାଚୀ ବା ପର୍ଯ୍ୟାୟବାଚୀ ଅଙ୍ଗ ପରି । ଯାହାକି ମସ୍ତିଷ୍କର ସିଗ୍‌ନାଲ୍ (ସଂକେତ) ଏବଂ ଇଙ୍ଗିତ କ୍ରମେ କ୍ରିୟାଶୀଳ ଏବଂ ଗତିଶୀଳ ହୁଅନ୍ତି । ସୁତରାଂ ଖିଲାଫତ୍‌ର ଏହି ମହତ୍ତ୍ୱର ଆକଳନ ଏହି ଅଣ ଅହମଦିମାନେ ମଧ୍ୟ କରନ୍ତି ।

ସ୍ପେନ୍‌ର ଏଲଏ ପେରିଜ୍ (Eloy Perez) ନାମକ ଜଣେ ଜେରେ ତବ୍‌ଲିଗ୍ (ପ୍ରଚାର ଅଧୀନ) ବ୍ୟକ୍ତି କୁହନ୍ତି: ଉକ୍ତ ଜଲ୍‌ସାରେ ମୋ ସହିତ ସମ୍ରାଟ୍ ଠାରୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଗଲା । ମୋର ଭଲ ଭାବରେ ଯତ୍ନ ନିଆଯାଇଥିଲା।


**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ପ୍ରତ୍ୟେକ ମୁହୂର୍ତ୍ତ ଘରର ପରିବେଶ ପରି ପ୍ରତିତ ହେଉଥିଲା । ଜମାଅତ୍ ଅହେମଦିୟାର ସ୍ୱେଚ୍ଛାସେବୀମାନଙ୍କର ପ୍ରାୟ 40000 ରୁ ଉର୍ଦ୍ଧ୍ୱ ଲୋକମାନଙ୍କର ସେବା କରିବା ଏକ ଅଭୂତପୂର୍ବ ଚମତ୍କାର ଅଟେ । ଛବି ପ୍ରଦର୍ଶନୀରେ ସାମିଲ୍ ହେବା ସମୟରେ ଅହେମଦିୟା କମ୍ୟୁନିଟି ସଂପର୍କରେ ମୁଁ ଅନେକ କଥା ଶିକ୍ଷା କଲି। ଏହା କ୍ରିୟାଶଳୀ ଏବଂ ଜୀବନ୍ତ ଇତିହାସର ଏକ ଅଂଶବିଶେଷ ମାତ୍ର । କାର୍ଯ୍ୟକ୍ରମ ସମୟରେ ମୁଁ ଭ୍ରାତୃତ୍ୱତାର ପରିବେଶ ଅନୁଭବ କଲି । ସେ କୁହନ୍ତି: ମୁଁ ଆପଣଙ୍କୁ ଏହି ବିଶ୍ୱାସ ଦେଉଛି ଯେ, ମୁଁ ଅଲ୍ଲାଃତାଲାଙ୍କ ସହିତ ସଂଶ୍ଳୀଷ୍ଟ ଅଛି । କିନ୍ତୁ ମୁଁ ମୁସଲମାନ ନୁହେଁ । ଅଥଚ ଅଲ୍ଲାଃତାଲା ସମସ୍ତ ଧର୍ମରେ ସମ୍ମିଳିତ ଭାବରେ ଅଛନ୍ତି। ନିଃସନ୍ଦେହ ଅଲ୍ଲାଃତାଲା ଆପଣମାନଙ୍କ ସହିତ ଏବଂ ସମସ୍ତ ଅହେମଦିମାନଙ୍କ ସହିତ ଜଲ୍‌ସା ସମମୟରେ ଦୃଶ୍ୟମାନ ହେଲେ ଏବଂ ରବିବାର ଦିନ ଅହେମଦି ଭାଇମାନଙ୍କୁ ନିଜର ବିଶ୍ୱସାକୁ ସଂସ୍କାର କରୁଥିବାର ଅବଲୋକନ କରି ମୁଁ ବହୁତ ପ୍ରଭାବିତ ହେଲି। ଅହେମଦିମାନଙ୍କ ମଧ୍ୟରୁ ଅନେକ ଅହେମଦି ଆବେଗ ଦ୍ୱାରା ପରିପୂର୍ଣ୍ଣ ଏବଂ ଆନନ୍ଦିତ ହୋଇ କାନ୍ଦୁଥିଲେ । ଉକ୍ତ ଜଲ୍‌ସାରେ ଯେଉଁ ଭାଷଣ ଦିଆଯାଇଥିଲା ମୁଁ ତାହାକୁ ପସନ୍ଦ କଲି । ମୁଁ ନିଜ ସହିତ ଯେଉଁ ବିଶେଷ ବାର୍ତ୍ତା ନେଇ ଯାଇଥିଲି, ଯେପରିକି ସହାନୁଭୂତି ବିନା କୌଣସି ଧର୍ମ ଧର୍ମ ହୋଇପାରିବ ନାହିଁ, ଯେଉଁ ମୁସଲମାନ ମାନବ ଜାତି ଉପରେ ଦୟା ପ୍ରଦର୍ଶନ କରୁ ନାହିଁ ସେ ମୁସଲମାନ କିମ୍ବା ଅଲ୍ଲାତାଲାଙ୍କର ଅନୁଗାମୀ ତଥା ଅଲ୍ଲାଃଲାଙ୍କର ଭକ୍ତ ନୁହେଁ। ମସ୍‌ଜିଦରେ ଧନୀ ଦରିଦ୍ରଙ୍କ ମଧ୍ୟରେ କୌଣସି ବାଛ ବିଚାର ନାହିଁ । ମୁଁ ଏହି ସ୍ୱୀକାରୋକ୍ତି ପ୍ରକାଶ କୁରଛି ଯେ, ମୋତେ ଯେଉଁ କଥା ସବୁଠୁ ବେଶୀ ଭଲ ଲାଗିଲା ତାହା ଏହା ଥିଲା ଯେ, ମୋର ଆପଣଙ୍କୁ (ହ. ଖଲିଫତୁଲ୍ ମସିହ୍ ଖାମିସ୍ ହୁଜୁର ଅନ୍‌ୱର୍ ଅ.ବ) ବ୍ୟକ୍ତିଗତ ଭାବରେ ସାକ୍ଷାତ୍ କରିବା । ପୁନଶ୍ଚ ସେହି ଇଚ୍ଛା ବ୍ୟକ୍ତ କଲେ ଯେ, ମୋ ଟି ସାର୍ଟ ଉପରେ ଦସ୍ତଖତ ମଧ୍ୟ କରି ଦିଅନ୍ତୁ । ପୁନଶ୍ଚ ଏହାପରେ ଦସ୍ତଖତ କରି ସେ ଟି ସାର୍ଟ ନେଇଗଲେ ।

କାନାଡ଼ାର କାଇଲ୍ ସିବ୍ୟାକ୍ (Kyle Seeback) ସାହେବ ନାମକ ଜଣେ ସାଂସଦ ଅଟନ୍ତି । ସେ କୁହନ୍ତି ଯେ, ଜଲ୍‌ସାକୁ ଆସିବା ମୋ ପାଇଁ ଏକ ଭବ୍ୟ ଅନୁଭୂତି ଥିଲା । ଅର୍ଥାତ୍ ଯେଉଁଠି ସ୍ୱେଚ୍ଛାସେବୀମାନଙ୍କ ଠାରୁ ନିଜ ଧର୍ମ ପ୍ରତି ବିଶ୍ୱସ୍ତତା ପ୍ରଦର୍ଶନ କରିବାର ଶିକ୍ଷା ମିଳିଥାଏ ସେଠାରେ ଜମାଅତ୍ ଅହେମଦିୟା ଉପରେ ଯେଉଁ ଅତ୍ୟାଚାର ହେଉଛି ତତ୍‌ସଂକ୍ରାନ୍ତରେ ସଂସାରବାସୀଙ୍କୁ ଏହା ବିରୁଦ୍ଧରେ ଛିଡ଼ା ହେବା ଉଚିତ୍ ଏବଂ ଅହେମଦି ଭାଇମାନଙ୍କୁ ସାହାଯ୍ୟ କରିବା ଉଚିତ୍ । ଅହେମଦି ଓକିଲ ତଥା ଅଧିବକ୍ତାମାନଙ୍କୁ ସାହାଯ୍ୟ କରିବା ଉଚିତ୍ । ଅହେମଦିମାନଙ୍କର ମସ୍‌ଜିଦ୍‌ଗୁଡ଼ିକୁ ଧୂଳିସାତ୍ କାରଯାଉଛି, ହତ୍ୟା କରାଯାଉଛି, ମାନବାଧିକାରର ହନନ ହେଉଛି । ତତ୍‌ସଂକ୍ରାନ୍ତରେ ଆମମାନଙ୍କୁ ସ୍ୱରୋତ୍ତଳନ କରିବା ଉଚିତ୍ । ଏହାପରେ ମହୋଦୟ ଏକ ଡାଏରୀ ନେଇ ଆସିଥିଲେ କି ହୁଜୁର ଅ.ବଙ୍କ କଥା ନୋଟ୍ କରିବେ। କିନ୍ତୁ ସେ କୁହନ୍ତି: ହୁଜୁର ଅ.ବଙ୍କ କଥା ଶୁଣିବାରେ ଏତେ ନିମଜ୍ଜିତ ହୋଇଗଲି ଯେ, ନୋଟ୍‌ସ୍ ନେବାକୁ ମୋର ଆଉ ମନେ ରହିଲା ନାହିଁ ।

କାନାଡ଼ାରୁ ଇଣ୍ଡ଼ିଜିନ୍‌ସ୍ ଜାତିର Aly Bear ନାମକ ଜଣେ ଭାଇସ୍ ଚିଫ୍ ମହିଳା ଅଟନ୍ତି । ସେ କୁହନ୍ତି ଏହା ମୋ ପାଇଁ ଅତ୍ୟନ୍ତ ସୁଖକର କଥା ଥିଲା । ଅର୍ଥାତ୍ ମୁଁ ଚଳିତ ବର୍ଷ ନିଜର ଅନେକ ଓଭର ଇଣ୍ଡ଼ିଜିନ୍‌ସର ମାର୍ଗଦର୍ଶକଙ୍କ ସହିତ ଜଲ୍‌ସାକୁ ଆସିଲି। ମୋ ପାଇଁ ଆନ୍ତର୍ଜାତିକ ବୈଅତ୍ (ଦୀକ୍ଷା ଗ୍ରହଣ ସମାରୋହ) ଅତ୍ୟନ୍ତ ଭାବବିହ୍ୱଳ ଅବସର ଥିଲା । ମୁଁ ନିଜ ଜୀବନରେ କେବେ ବି ଏପରି କୌଣସି ସମ୍ମିଳନୀ ବା ସମାରୋହ ଦେଖି ନାହିଁ ଯାହାକି ପ୍ରତ୍ୟେକ ମନୁଷ୍ୟକୁ ପରସ୍ପରର ନିକଟବର୍ତ୍ତୀ କରି ଦେଇଥାଏ । ସମସ୍ତ ଲୋକମାନେ ଭାବପ୍ରବଣ ଥିଲେ ଏବଂ ମୁଁ ମଧ୍ୟ ଭାବପ୍ରବଣ ହୋଇ କାନ୍ଦୁ ଥିଲି । ଆନ୍ତର୍ଜାତିକ ବୈଅତ୍‌ର ପନ୍ଥା ଆମର ଉପସାନା ସହିତ ମିଳେ। କିନ୍ତୁ ମୁଁ ନିଜର ଉପାନାରେ କେବେ ବି ଏପରି କୌଣସି ଆଧ୍ୟାତ୍ମିକତା ଅନୁଭବ କରି ନଥିଲି ଯେପରି ମୁଁ ଆଲମି ବୈଅତ୍ (ଆନ୍ତର୍ଜାତିକ ଦୀକ୍ଷା) ସମୟରେ ଅନୁଭବ କରିଥିଲି । ମୁଁ ନିଜ ସହିତ ପ୍ରେମ, ଶାନ୍ତିର ବାର୍ତ୍ତା ନେଇ ଫେରୁଛି । ମୁଁ ନିଜ ଜାତିକୁ ଆପଣଙ୍କ ବାର୍ତ୍ତା **"ପ୍ରେମ ସଭିଙ୍କ ପାଇଁ ଘୃଣା କାହାରାକୁ ନୁହେଁ"** ପହଞ୍ଚାଇବି । ଏଠାକୁ ଆସିବା ମୋ ପାଇଁ ଅତ୍ୟନ୍ତ ସମ୍ମାନଜନକ ଏବଂ ଗୌରବପୂର୍ଣ୍ଣ କଥା ଅଟେ ।

ହଣ୍ଡୁରାସ୍‌ର ଜନୈକା ମହିଳା ଟି.ଭି ଆଙ୍କର ମହୋଦୟା କୁହନ୍ତି, ମୁଁ ଉପସ୍ଥିତ ଖଲିଫାଙ୍କର ଉଦ୍‌ବୋଧନକୁ ଧ୍ୟାନପୂର୍ବକ ଶୁଣିଲି, ଜଲ୍‌ସାରେ ସାମିଲ ହେଲି, ବକ୍ତାମାନଙ୍କର ଭାଷଣ ଶୁଣିଲି । ମୁଁ ନିଜକୁ ସୌଭାଗ୍ୟଶାଳୀ ବୋଲି ମନେକରୁଛି। କାରଣ ମୋତେ ଏପରି ଭବ୍ୟ ସୁଯୋଗ ପ୍ରାପ୍ତ ହେଲା । ଅନେକ ଲୋକମାନଙ୍କ ସହିତ ସାକ୍ଷାତ୍ କରିବାର ସୁଯୋଗ ପ୍ରାପ୍ତ ହେଲା ଏବଂ ମୁଁ ସେହି ଲୋକମାନଙ୍କ ମଧ୍ୟରେ ନିଃସ୍ୱାର୍ଥପର ସେବା କରିବାର ଉତ୍ସାହ, ବିନୀତତା ଏବଂ ବିନମ୍ରତା ଦେଖିଲି। ଏପରି ଶୃଙ୍ଖଳତି ବବ୍ୟାସ୍ଥା ଦେଖିଲି ଯେ,ଏହା ପୂର୍ବରୁ ମୁଁ ଏପରି ଶୃଙ୍ଖଳିତ ବ୍ୟବସ୍ଥା କେବେ ଦେଖି ନଥିଲି । ହୁଜୁର ଅନ୍‌ୱର ଅ.ବ କହିଲେ, ଲଜ୍‌ନାରେ ମୋର ଯେଉଁ ଉଦ୍‌ବୋଧନ ଥିଲା ଏହାପରେ ସେ କହିଲେ, ହଣ୍ଡୁରାସ୍‌ରେ ଏହିପରି ଉଦ୍‌ବୋଧନର ଆବଶ୍ୟକତା ରହିଛି । ମହିଳାମାନଙ୍କର ଅଧିକାର ସମ୍ପର୍କରେ କୁହାଯାଇଛି । ମୁଁ ଅଲଗା ଏକ ଭିଡ଼ିଓ ମଧ୍ୟ ତତ୍‌ସଂପର୍କରେ ପ୍ରସ୍ତୁତ କରିବି । କାରଣ ଲୋକମାନେ ଅତି ସହଜରେ କଥା ବୁଝି ପାରନ୍ତୁ ।

ତୁର୍କୀରୁ ପ୍ରିଣ୍ଟିଂ ପ୍ରେସର କେତେକ ମାଲିକମାନେ ଆସିଥିଲେ । ସେମାନେ ଆମର ବିଭିନ୍ନ ପୁସ୍ତକ ଏବଂ ଲିଟ୍ରେଚର ପ୍ରକାଶିତ କରିଛନ୍ତି । ପବିତ୍ର କୁରଆନ୍ କରୀମ୍ ମଧ୍ୟ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ସେଠାରେ ପ୍ରକାଶିତ ହୋଇଛି । ଆପଣମାନେ ବୁକ୍ ଷ୍ଟଲ୍‌ରେ ପ୍ରାୟତଃ ଦେଖିଥିବେ । ସେହି ପ୍ରେସ୍‌ର ଡାଇରେକ୍ଟର (ନିର୍ଦ୍ଦେଶକ) କୁହନ୍ତି: ଏତେ ବିଶାଳ ସଂଖ୍ୟକ ଲୋକମାନଙ୍କୁ ଉତ୍ତମ ଢଙ୍ଗରେ ଏତେ ପ୍ରତିକୁଳ ପାଗ ସତ୍ତ୍ୱେ ଆପଣମାନଙ୍କ ବ୍ୟତୀତ ଅନ୍ୟ କୌଣସି ମେଜର ପ୍ରବ୍‌ଲମ୍ ଆୟୋଜିତ କଲେ ତାହା ମୋ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟକର କଥା ଅଟେ । ପୁନଶ୍ଚ ନିର୍ଦ୍ଦେଶକ ମହୋଦୟ କୁହନ୍ତି, ଗୋଟିଏ ବିଚିତ୍ର କଥା ମୁଁ ଦେଖିଲି ଏବଂ ଡିଉଟିରେ ନିୟୋଜିତ କର୍ମଚାରୀମାନଙ୍କର ଯେଭଳି ଆଜ୍ଞାପାଳନ ଏବଂ ଶୃଙ୍ଖଳିତ ଢଙ୍ଗରେ ଆଦେଶ ପାଳନ କରୁଥିଲେ । ତେଣୁ ଏହା ଅତ୍ୟନ୍ତ ବୈଚିତ୍ରପୂର୍ଣ୍ଣ ଦୃଶ୍ୟ ଥିଲା ଯେ, ଛୋଟ ଛୋଟ ପିଲାମାନେ, କର୍ମଚାରୀ ବୃନ୍ଦଙ୍କର, ପିଲାମାନଙ୍କର, ଯୁବକମାନଙ୍କର ଆଦେଶ ଲୋକମାନେ ପାଳନ କରୁଥିଲେ ।

ସେହିପରି ଅନ୍ୟ ଏକ କମ୍ପାନୀର ଆଉ ଜଣେ ନିର୍ଦ୍ଦେଶକ ଅଟନ୍ତି । ସେ କୁହନ୍ତି, ମୋତେ ଜମାଅତ୍‌ର ଏତେ ବ୍ୟାପକତା ସଂପର୍କରେ କୌଣସି ଧାରଣା ନଥିଲା । ପ୍ରଦର୍ଶନୀ ସମୟରେ ସେ ଯେତେବେଳେ ଶୁହଦାମାନଙ୍କର ଗ୍ୟାଲେରୀ ଦେଖିଲେ ସେତେବେଳେ ଆଶ୍ଚର୍ଯ୍ୟଚକିତ ହେଲେ । କାରଣ ସାଂପ୍ରତିକ କାଳରେ ମଧ୍ୟ ଏତେ ବର୍ବରତା ଇସ୍‌ଲାମ୍ ଧର୍ମ ନାଁରେ ଏବଂ ତା' ପୁଣି ମୁସଲମାନ ରାଷ୍ଟ୍ରରେ ହେଉଅଛି। ବାପ ପୁଅ ଦୁହେଁ ଆସିଥିଲେ । ସେମାନେ କହିଲେ, ଆମମାନଙ୍କର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମିଟିଂ ଜଲ୍‌ସା ସାଲାନାରେ ହେବାର ଥିଲା, ଆସିବାର କୌଣସି କାର୍ଯ୍ୟକ୍ରମ ନଥିଲା । କିନ୍ତୁ ଏସବୁ ସତ୍ତ୍ୱେ କୌଣସି କାରଣରୁ ମିଟିଂ ରଦ୍ଦ ହୋଇଗଲା ଏବଂ ଜଲ୍‌ସାକୁ ଆସିବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଗଲା । ଉକ୍ତ କାର୍ଯ୍ୟକ୍ରମଟି ଆମମାନଙ୍କୁ ବହୁତ ଭଲ ଲାଗିଲା । କାରଣ ଏହା ଅବିସ୍ମରଣୀୟ ଅନୁଭୂତି ଅଟେ ।

ଲାଟ୍‌ଭିୟାରୁ ଆସିଥିବା ଜଣେ ସାମାଜିକ କର୍ମିଣୀ ଉଲ୍ଲେଖ କରନ୍ତି ଯେ, ଜମାଅତ୍ ଅହେମଦିୟ ବିଷୟରେ ମୁଁ ଅଧିକ କିଛି ଜାଣି ନଥିଲି । କିନ୍ତୁ ଜଲ୍‌ସା ସମୟରେ ମୋତେ ଇସ୍‌ଲାମ୍ ଏବଂ ଅହେମଦିୟତ୍ ସଂପର୍କରେ ଅନେକ କଥା ଶିଖିବାକୁ ମିଳିଲା। ମୁଁ ଫେରିଲା ପରେ ଯାଇ ପବିତ୍ର କୁରଆନ୍ କରୀମ୍‌ର ଅଧ୍ୟୟନ ଅବଶ୍ୟ କରିବି ଏବଂ ଇସ୍‌ଲାମ୍ ଓ ଅହେମଦିୟତ୍ ସଂପର୍କରେ ନିଜ ଜ୍ଞାନକୁ ସଂପ୍ରସାରିତ କରିବା ପାଇଁ ପ୍ରୟାସ କରିବି । ଜଲ୍‌ସା ସାଲାନାର ପରିବେଶ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଏବଂ ପବିତ୍ରମୟ ଥିଲା । ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଖମଣ୍ଡଳରେ ପ୍ରସନ୍ନତା ବିଦ୍ୟମାନ ଥିଲା । ସମସ୍ତ କର୍ମଚାରୀବୃନ୍ଦ ଆମର ଭରପୁର ସେବା ଯତ୍ନ କଲେ । ଜଲ୍‌ସା ସାଲାନାର ଆତିଥ୍ୟତା ଏବଂ ଉତ୍ତମ ବ୍ୟବହାର ସଂପର୍କରେ ମୋର ଅନୁଭୂତି ଓ ପ୍ରତିକ୍ରିୟା ମୋ ମନ ଭିତରେ ଭର୍ତ୍ତି ହୋଇ ରହିଛି । କିନ୍ତୁ ତୁଣ୍ଡ ଏହାକୁ ବର୍ଣ୍ଣନା କରିବାରୁ ବଞ୍ଚିତ ଅଟେ।

ଟି.ଭି ସମ୍ମୁଖରେ ବସି ଯେଉଁ ଲୋକମାନେ ପୃଥିବୀ ବ୍ୟାପି ଶୁଣୁଥିଲେ ସେମାନଙ୍କର ପ୍ରତିକ୍ରିୟା ମଧ୍ୟ ମିଳିଛି । କଙ୍ଗୋ ବ୍ରାଜ୍‌ୱେଲ୍‌ରୁ ଆମର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି: ମିଷ୍ଟର କ୍ରାଏଷ୍ଟ ନାମକ ଜଣେ ଖ୍ରୀଷ୍ଟ ବନ୍ଧୁଙ୍କୁ ଜଲ୍‌ସାରେ ନିମନ୍ତ୍ରିତ କରାଗଲା। ଉଦ୍‌ଯାପନୀ ଉଦ୍‌ବୋଧନ ଶୁଣିବା ପରେ ସେ କହିବାକୁ ଲାଗିଲେ ଯେ, ପୃଥିବୀର ପ୍ରତ୍ୟେକ ସରକାର ଯଦି ଉକ୍ତ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରନ୍ତି ତାହାହେଲେ ସଂସାରରୁ ଦାରିଦ୍ର୍ୟତା ସମାପ୍ତ ନ ବି ହୁଏ ତେବେ ଅନ୍ତତଃ କୌଣସି ବ୍ୟକ୍ତି ରାତ୍ରରେ ଭୋକିଲା ଶୋଇବ ନାହିଁ । କ୍ରାଏଷ୍ଟ ସାହେବ କୁହନ୍ତି: ଇସ୍‌ଲାମ୍ ଧର୍ମର ଖଲିଫାମାନେ ଯେଭଳି ପ୍ରଜାମାନଙ୍କର ଯତ୍ନ ନେଇଥିଲେ । ଯଦି ସେହିଭଳି ଯତ୍ନ ଆମମାନଙ୍କର ନେତାମାନେ ଯଦି ପ୍ରଜାମାନଙ୍କର ଏହିପରି ନିଅନ୍ତି ତାହାହେଲେ ଆମମାନଙ୍କର

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 23 MAY 2024 Issue No.-21

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ସଂସାର ସ୍ୱର୍ଗପୁର ପାଲଟି ଯିବ । ଉକ୍ତ ଭାଷଣ ଶୁଣିବା ପେରେ ମୋର ହୃଦୟକୁ ଶାନ୍ତି ପ୍ରାପ୍ତ ହେଲା । ସେ କୁହନ୍ତି ଯେ, ଇସ୍‌ଲାମ୍ ଧର୍ମ ସଂପର୍କରେ ଆମ ଖଲିଫା ଯେଭଳି ଶିକ୍ଷା ଉପସ୍ଥାପିତ କରିଛନ୍ତି ତାହାକୁ ଶୁଣିବା ପରେ ମୋ ହୃଦୟକୁ ଅତ୍ୟନ୍ତ ଶାନ୍ତି ପ୍ରାପ୍ତ ହେଉଛି । କ୍ରାଏଷ୍ଟ୍ ସାହେବ ପୁନଶ୍ଚ କୁହନ୍ତି, ମୁଁ ଆମ ଖଲିଫାଙ୍କ ଶବ୍ଦ ଏଇଥି ପାଇଁ ପ୍ରୟୋଗ କରିଛି ଯେ, ଆଜି ଠାରୁ ମୁଁ ମଧ୍ୟ ଆପଣଙ୍କ ସହିତ ଅଛି ଏବଂ ମୋର ମଧ୍ୟ ଖଲିଫା ଅଛନ୍ତି ।

ଲାଟ୍‌ଭିୟାରୁ ଜଲ୍‌ସା ସାଲାନାରେ ସାମିଲ ହୋଇଥିବା ଏଗିଜା ଉଜ୍ଜେନ୍ (Egija Uzane) ସାହେବା ନାମକ ଜନୈକା ସାମାଜିକ କର୍ମୀଣୀ କୁହନ୍ତି: ଯେବେ ଠାରୁ ଆମେ ଏଠାକୁ ଆସିଛୁ ଅତ୍ୟନ୍ତ ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ ପରିବେଶରେ ରହିଛୁ । ପ୍ରତ୍ୟେକ ମୁଖ ସ୍ମିତହାସ୍ୟ ପ୍ରକାଶ କରୁଥିବାର ଦୃଶ୍ୟମାନ ହୋଇଥାଏ । ବଡ଼ ବିଚିତ୍ର ପ୍ରକାରର ଶାନ୍ତିପୂର୍ଣ୍ଣ ବାତାବରଣ ରହିଛି । ମୁଁ ଏଥି ନିମନ୍ତେ ଚିନ୍ତିତ ଯେ, ମୁଁ ଯେତେବେଳେ ନିଜ ପରିବେଶକୁ ଫେରିବି ସେତେବେଳେ ସେହି ପୁରୁଣା ଅବସ୍ଥା ଫେରି ଆସିବ ଯେଉଁଠି ଟେନ୍‌ସନ୍‌ର ପରିବେଶ ହୋଇଥାଏ ଏବଂ ଲୋକମାନେ ପରସ୍ପରକୁ ନିରେଖନ୍ତି ବା ଅପଲ ଦୃଷ୍ଟିରେ ଦେଖିଥାଆନ୍ତି ।

ଆଇସ୍ ଲ୍ୟାଣ୍ଡରୁ ପଲ୍ ହର୍ମନ ନାମକ ଜନୈକ ଫ୍ୟାମିଲି ଫେଡ୍ରେସନ ଫର୍ ୱାର୍ଲଡ୍ ପିସ୍‌ର ମିଶ୍‌ନାରୀ ସାହେବ କୁହନ୍ତି, ଜଲ୍‌ସା ସାଲାନାର ସାମିଲ୍ ହେବାର ମୋର ଅନୁଭୂତି ତଥା ଅଭିଜ୍ଞତା ପ୍ରାରମ୍ଭରୁ ଶେଷ ଯାଏଁ ଅତ୍ୟନ୍ତ ଉତ୍କୃଷ୍ଟତମ ଥିଲା । ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ସହିତ ମୋର ଯେଉଁ ଭେଟ ହେଲା ତହିଁରୁ ଏହା ପ୍ରତୀୟମାନ ହେଉଥିଲା ଯେ, ସମସ୍ତ ସଦସ୍ୟବୃନ୍ଦ କୋମଳ ହୃଦୟ, ଶିଷ୍ଟ, ସଭ୍ୟ, ଅନ୍ୟମାନଙ୍କ ପ୍ରତି ଯତ୍ନ ନେବା, ସେବା କରିବା ନିମନ୍ତେ ସର୍ବଦା ତତ୍ପର ଥିଲେ । ରହଣୀ ନିମନ୍ତେ ଅତ୍ୟନ୍ତ ଉତ୍କୃଷ୍ଟ ବ୍ୟବସ୍ଥା ଥିଲା । ଏହି ସମସ୍ତ ପ୍ରସଙ୍ଗ ତିନୋଟି ସ୍ମରଣୀୟ ଦିନର ପ୍ରମୁଖ ଅଂଶ ଥିଲା । ଏତେ ବିପୁଳ ସଂଖ୍ୟ ଉପସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟବସ୍ଥା ଅତ୍ୟନ୍ତ ସର୍ବୋତ୍ତମ ଥିଲା । ପଲ୍ ହର୍ମନ ସାହେବ ପୁନଶ୍ଚ କୁହନ୍ତି: ମୋ ନିକଟରେ କର୍ମଚାରୀବୃନ୍ଦଙ୍କ ଜଲ୍‌ସାରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନଙ୍କର ସହଯୋଗ ମଧ୍ୟ ଅତ୍ୟନ୍ତ ଉତ୍ତମ ବ୍ୟବସ୍ଥାର ଏକ ଅଂଶ ଥିଲା । ମୋର ଏହି ବିଶ୍ୱାସ ରହିଛି ଯେ, ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଏହା ହେଉଛି ସର୍ବୋଚ୍ଚ ଚରିତ୍ରର ପ୍ରତିଫଳନ ଯାହାକୁ ସେମାନେ ଭଲ ଭାବରେ ପ୍ରସ୍ତୁତ କରିଛନ୍ତି । ଏତଦ୍‌ଭିନ୍ନ ଏହି ଲୋକମାନେ ନିଜର ଶିକ୍ଷା ଉପରେ ମଧ୍ୟ କାର୍ଯ୍ୟାନୁସରଣ କରୁଛନ୍ତି । ସୁତରାଂ ଏହା ହେଉଛି ଅତିଥି ସତ୍କାରକର ସକାରାତ୍ମକ ପ୍ରଭାବ ଯାହାକି ଅନ୍ୟ ଅତିଥିମାନଙ୍କ ଉପରେ ପଡ଼ିଥାଏ। ଭାଷଣର ଅନୁବାଦ ସଂକ୍ରାନ୍ତେରେ କହିଲେ, ଅନୁବାଦ ବୁଝିବାରେ ବେଳେବେଳେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । କିନ୍ତୁ ସେ ଯାହା ହେଉ ଅନୁବାଦ ବୁଝି ହେଉ ଯାଉଥିଲା । ତହିଁରୁ ମୁଁ ବହୁତ ଉପକୃତ ହେଲି । ହଲାଣ୍ଡ୍‌ର ଜଣେ ଓକିଲ ମଧ୍ୟ ଏହିପରି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

ପୁନଶ୍ଚ ହେଟୀର ଜୁଡ଼ିଶିୟାରୀ ପୋଲିସ ବିଭାଗର ପିୟର୍ ଇମାନୁଏଲ୍ ନାମକ ଜଣେ ପ୍ରତିନିଧି ଅଟନ୍ତି । ସେ କୁହନ୍ତି, ଆନ୍ତର୍ଜାତିକ ଅହେମଦିୟା ମୁସ୍‌ଲିମ୍ ଜମାଅତ୍‌ର ଜଲ୍‌ସା ସାଲାନା ୟୁ.କେରେ ସାମିଲ୍ ହୋଇ ସେହି ଅତିଥିଙ୍କ ମଧ୍ୟରୁ ଜଣେ ହେବାର ସୌଭାଗ୍ୟ ଅର୍ଜନ କଲି । ଜଣେ ଖ୍ରୀଷ୍ଟ ଧର୍ମାବଲମ୍ବୀ ହିସାବରେ ଉକ୍ତ ଜଲ୍‌ସାରେ ସାମିଲ୍ ହୋଇ ମୋତେ କେବଳ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ନୁହେଁ ବରଂ ଧର୍ମ ସଂପର୍କରେ ମଧ୍ୟ ଅନେକ କିଛି କଥା ଶିକ୍ଷା କରିବାର ସୁଯୋଗ ପ୍ରାପ୍ତ ହୋଇଛି। ବିଭିନ୍ନ ଆସ୍ଥା, ବିଶ୍ୱାସ, ସଭ୍ୟତା, ସଂସ୍କୃତି, ଭାଷା ଏବଂ ଦୃଶ୍ୟ ସହିତ ସଂପର୍କ ରଖୁଥିବା ଲୋକମାନେ ଯେଉଁମାନଙ୍କର ପ୍ରଥା ଓ ପରମ୍ପରା ମଧ୍ୟ ଭିନ୍ନ ଭିନ୍ନ ରହିଥିଲା। ଏସବୁ ସତ୍ତ୍ୱେ ସେମାନେ କିପରି ଗୋଟିଏ ରଙ୍ଗରେ ରଙ୍ଗୀନ୍ ହୋଇଥିଲେ। ଏହା ବିଚିତ୍ର ପ୍ରକାରର ଦୃଶ୍ୟ ଥିଲା । ନିଃସନ୍ଦେହ ରୂପେ ଏହା ପ୍ରଶଂସନୀୟ, ଅନୁକରଣୀୟ ଯୋଗ୍ୟ ପ୍ରସଙ୍ଗ ଅଟେ । ଇମାନୁଏଲ୍ ସାହେବ ପୁନଶ୍ଚ କହନ୍ତି. ମୁଁ ଜଲ୍‌ସାରେ ସାମିଲ୍ ହେବା ପରେ ବହୁତ ଚିନ୍ତା କଲି ଯେ, ଯଦି ଅହେମଦିମାନଙ୍କ ମନରେ ବିଶ୍ୱସ୍ତତା ଏବଂ ନିଜ ଧର୍ମର ଆଦେଶାବଳୀ ତଥା ଧର୍ମର କର୍ତ୍ତବ୍ୟ ସମ୍ପାଦନ ପ୍ରତି ସମ୍ମାନ ରହିଛି, କ'ଣ ସେମାନଙ୍କ ମନରେ କପଟ ବିଶ୍ୱାସ ନାହିଁ ? ଜାଣିବା ନିମନ୍ତେ ମନରେ ଜିଜ୍ଞାସା ସୃଷ୍ଟି ହେଲା । ମୋ ମନ କହିଲା କି ଅହେମଦିମାନଙ୍କ ମଧ୍ୟରେ ଭାଇମାନଙ୍କ ପରି ଭ୍ରାତୃତ୍ୱତା ଶବ୍ଦ କପଟ ବିଶ୍ୱାସ ଶବ୍ଦକୁ ଅଭିଧାନରୁ ନିଶ୍ଚିହ୍ନ କରିଦେଇଥାଏ । ଅତଃ ଏହି ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଅହେମଦିମାନଙ୍କ ପାଇଁ ନିଜ ବିଶ୍ୱାସର ମଧ୍ୟ ସୁରକ୍ଷା କରିବା ଉଚିତ୍। ମୁଁ ଯେତେବେଳେ ନିଜ ଦେଶକୁ ଯିବି ସେତେବେଳେ ପ୍ରେମ, ଶାନ୍ତି, ପ୍ର ପରସ୍ପର ପ୍ରିତୀ, ମୈତ୍ରୀ ଥିବା ସମବେଦନା, ବିଶ୍ୱାସ, ଆଜ୍ଞାନୁବର୍ତ୍ତିତା ଏବଂ ସଂପର୍କୀୟ, ଆତ୍ମୀୟ ସ୍ୱଜନମାନଙ୍କୁ ଭଲ ପାଇବା, ସେମାନଙ୍କୁ ସାହାଯ୍ୟ କରିବା ଇତ୍ୟାଦିର ବାର୍ତ୍ତା ନେଇ ଯିବି । ଅର୍ଥାତ୍ ମୋତେ ଏହି ତିନି ଦିନ ମଧ୍ୟରେ ଯେଉଁ ଅବିସ୍ମରଣୀୟ ପ୍ରସଙ୍ଗ ପ୍ରାପ୍ତ ହୋଇଛି ସେହି ପ୍ରସଙ୍ଗ ଜନିତ ବାର୍ତ୍ତାକୁ ନେଇ ମୁଁ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିବି । ପୁନଶ୍ଚ ଅଷ୍ଟ୍ରେଲିୟାରୁ ବିଲାଲ୍ କୁଦନ୍ ସାହେବ ନାମକ ଜଣେ ନବଦୀକ୍ଷିତ ବ୍ୟକ୍ତି ଅଟନ୍ତି । ସେ କୁହନ୍ତି, ମୋ ସହିତ ସର୍ବଦା ଏହି ଅନୁଭୂତି ରହିବ । ଅର୍ଥାତ୍ ଅଭୂତପୂର୍ବ ଦିନ, ଶୃଙ୍ଖଳା ପ୍ରଦର୍ଶନ, ପ୍ରେମ ଓ ଭ୍ରାତୃତ୍ୱକୁ ମୁଁ କେବେ ବି ଭୁଲାଇ ପାରିବି ନାହିଁ। ଆଲମି ବୈଅତ୍ (ଆନ୍ତର୍ଜାତିକ ଦୀକ୍ଷା ଗ୍ରହଣ)ରେ ମଧ୍ୟ ସାମିଲ୍ ହେବା ମୋ ପାଇଁ ସଂପୂର୍ଣ୍ଣ ରୂପେ ନିଆରା ଅନୁଭୂତି ଏବଂ ଅଭିଜ୍ଞତା ଥିଲା । ଏହା ଦ୍ୱାରା ମୋ ଆଧ୍ୟାତ୍ମିକତାରେ ଉନ୍ନତି ଘଟିଛି ଏବଂ ମୋତେ ସନ୍ତୁଷ୍ଟି ପ୍ରାପ୍ତ ହୋଇଛି ।

ମୟୁ ଆଇଲ୍ୟାଣ୍ଡରୁ ୟୁନୁସ୍ ସାହେବ ନାମକ ଜନୈକ ବ୍ୟକ୍ତି ଜଲସାରେ ସାମିଲ ହୋଇଥିଲେ । ସେ କୁହନ୍ତି: ମୁଁ ଜଲ୍‌ସାରେ ପ୍ରଥମ ଥର କରି ସାମିଲ୍ ହେଲି । ମୋ ମନରେ ଏପରି ଚାପ ପଡ଼ିଲା ଯେପରିକି କୌଣସି ବିଶେଷ ଶକ୍ତି ମୋ ଆତ୍ମା ମଧ୍ୟରେ ଅବତୀର୍ଣ୍ଣ ହୋଇଛି । ଜଲ୍‌ସାର ଦୃଶ୍ୟକୁ ଦେଖି ମୁଁ ସ୍ତମ୍ଭୀଭୂତ ହୋଇ ରହିଗଲି । ଜଲସା ସଂପର୍କରେ ମୁଁ ପୂର୍ବରୁ ଶୁଣିଥିଲି । ହେଲେ ଆଜି ଜଲ୍‌ସାରେ ସାମିଲ୍ ହେବା ପରେ ଅନ୍ୟ ଏକ ବିଚିତ୍ର ପ୍ରକାରର ଦୃଶ୍ୟ ମୁଁ ଦେଖିଲି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଜଲସାର ବ୍ୟବସ୍ଥା ସଂପର୍କରେ ଶୁଣିବା ପରେ ବୈଅତ୍ ମଧ୍ୟ ହେଲା।

ଗିନି ବସାଓରେ ଜଣେ ବ୍ୟକ୍ତି ଜଲ୍‌ସାର ବ୍ୟବସ୍ଥାକୁ ଦେଖି ବୈଅତ୍ କଲେ । ତାନ୍‌ଜାନିୟାର ଅମୀର୍ ସାହେବ ଉଲ୍ଲେଖ କଲେ ଯେ, ସେଠାରେ ମଧ୍ୟ ଏମ୍.ଟି.ଏ ଯୋଗେ ସାମିଲ୍ ହୋଇ ବୈଅତ୍ କଲେ । ମୁସା ସାହେବଙ୍କ ବିବାହ 1970 ମସିହାରେ ଅଣଅହେମଦି ମହିଳାଙ୍କ ସହିତ ହୋଇଥିଲା । ସେ ଏହି ପ୍ରୟାସ କରୁଥିଲେ ଏବଂ ଦୁଆ କରୁଥିଲେ ଯେ, ତାଙ୍କ ପତ୍ନି କିପରି ଇସ୍‌ଲାମ୍ ଅହେମଦିୟତ୍ ସ୍ୱୀକାର କରି ନିଅନ୍ତୁ । କିନ୍ତୁ ତାଙ୍କ ପତ୍ନୀ ରାଜି ହେଉ ନଥିଲେ । ଏହି ଜଲ୍‌ସା ସଲାନା ଅବସରରେ ତାଙ୍କର ପରିବାର ଏମ୍.ଟି.ଏରେ ଜଲ୍‌ସା ଦେଖୁଥିଲା । ତାଙ୍କର ପତ୍ନି ମଧ୍ୟ ଜଲ୍‌ସା ଦେଖିବାରେ ସାମିଲ ହେଲେ ଏବଂ ଆଲମି ବୈଅତ୍‌ରେ ମଧ୍ୟ ସାମିଲ୍ ହେଲେ । ଆଲମି ବୈଅତ୍ ପରେ ସେ କହିଲେ, ଉକ୍ତ ଜଲ୍‌ସା ମୋ ଉପରେ ଏକ ବିଶେଷ ପ୍ରକାରର ପ୍ରଭାବ ପକାଇଛି ଏବଂ ଖଲିଫତୁଲ୍ ମସିହ୍‌ଙ୍କ ଉଦ୍‌ବୋଧନ ମୋ ଭିତରେ ଏକ ବିଚିତ୍ର ପ୍ରକାରର ପରିବର୍ତ୍ତନ ସୃଷ୍ଟି କରିଦେଇଛି । ମୁଁ ଆଲମି ବୈଅତ୍ ପୂର୍ବରୁ ଏହି ନିଷ୍ପତ୍ତି ନେଇ ସାରିଥିଲି ଯେ, ମୁଁ ଏହି ମୁହୂର୍ତ୍ତରେ ହିଁ ଅହେମଦିୟତ୍‌ରେ ସାମିଲ୍ ହୋଇଯିବି । ସୁତରାଂ ଏହିପରି ଭାବରେ ଜଲ୍‌ସାର କଲ୍ୟାଣ ଦ୍ୱାରା ତାଙ୍କର ପତ୍ନୀ ମଧ୍ୟ ଅହେମଦିୟତରେ ସାମିଲ୍ ହୋଇଗଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହିପରି ଅନେକ ଘଟଣାବଳୀ ରହିଛି ଯାହାକି ଜଲ୍‌ସା ପରେ ହସ୍ତଗତ ହୋଇଛି ଏବଂ ଏବେ ବି ପ୍ରାପ୍ତ ହେଉଅଛି । ଅର୍ଥାତ୍ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣି ଯେଉଁମାନେ ବୈଅତ୍ କରିଛନ୍ତି ସେମାନଙ୍କର ପତ୍ର ଏବେ ବି ହୁଜୁର ଅନ୍‌ୱର୍ ଅ.ବଙ୍କୁ ପ୍ରାପ୍ତ ହେଉଅଛି ।

ଯେପରିକି ମୁଁ କହିଲି, ଅଲ୍ଲାଃତାଲାଙ୍କ କୃପାରୁ ଅସଂଖ୍ୟ ସମାଲୋଚନା, ଟିକା ଟିପ୍ପଣୀ ଏବଂ ମତାମତ ପ୍ରାପ୍ତ ହୋଇଛି । ଏହାକୁ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ଅଲ୍ଲାଃତାଲା କରନ୍ତୁ କି ଉକ୍ତ ଜଲ୍‌ସାର ଏପରି ଫଳାଫଳ ବାହାରୁ ଯାହାକି ଅହେମଦିମାନଙ୍କର ଜୀବନକୁ ମଧ୍ୟ ସଦା ସର୍ବଦା ପାଇଁ ଅଲ୍ଲାଃତାଲାଙ୍କ ସହିତ ସଂଶ୍ଳିଷ୍ଟ ରଖିବାରେ ସହାୟକ ହୁଅନ୍ତୁ । ସେମାନଙ୍କର ବିଶ୍ୱାସ ଏବଂ ଆସ୍ଥାରେ ଅଭିବୃଦ୍ଧି ଘଟୁ, ସେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ଅଭିପ୍ରାୟକୁ ପୂର୍ଣ୍ଣକାରୀ ବ୍ୟକ୍ତିରେ ପରିଗଣିତ ହୁଅନ୍ତୁ । ଅଣଧର୍ମାବଲମ୍ବୀ ଓ ଅଣମୁସଲମାନମାନଙ୍କ ଉପରେ ମଧ୍ୟ ଏପରି ପ୍ରଭାବ ପଡୁ ଯାହାକି କେବଳ ସାମୟିକ ନହୋଇ ବରଂ ସାର୍ବକାଳୀନ ସେମାନଙ୍କର ଚକ୍ଷୁକୁ ଉନ୍ମୁକ୍ତକାରୀ ହୋଇ ଇସ୍‌ଲାମ୍ ଧର୍ମର ଶିକ୍ଷାକୁ ହିଁ ନିଜ ନିମନ୍ତେ ଓ ସଂସାରର ମୋକ୍ଷର ମାଧ୍ୟମ ରୂପେ ଗ୍ରହଣ କରନ୍ତୁ । ମିଡ଼ିଆ ମାଧ୍ୟମରେ ମଧ୍ୟ ଜଲ୍‌ସାର କାର୍ଯ୍ୟକ୍ରମକୁ ଦେଖି ଏବଂ ଶୁଣା ଯାଇଛି ଯଦ୍ୱାରାକି ଏଥର ମଧ୍ୟ ବ୍ୟାପକ ସ୍ତରରେ ଅତିଥିମାନଙ୍କର ପରିଚୟ ପ୍ରଦାନ କରାଯାଇଛି । ଆଫ୍ରିକା ମହାଦେଶରେ 24ଟି ଚ୍ୟାନେଲ୍ ଭାଷଣର ପ୍ରସାରଣ ଦେଖାଇଥିଲେ । **(ଅବଶିଷ୍ଟାଂଶ....ପୃ-2ରେ)**

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan